## ସତ୍ୟ ଇ-ବାଇକ୍‌ର ନୂତନ ଶୋ'ରୁମ ଉଦ୍‌ଘାଟିତ




ବାରିପଦା/ରାଇରଙ୍ଗପୁର, ୮ ।୨(ସମିସ): ରାଇରଙ୍ଗପୁର ସହରରେ ସତ୍ୟ ଇ-ବାଇକ୍‌ର ନୂତନ ଶୋରୁମ୍ ଓ ସର୍ଭିସ ସେଣ୍ଟର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱତ୍ୱାଧିକାରୀ ରଜତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ନଗରପାଳ ଅଭିଷେକ ପଟ୍ଟନାୟକ ଯୋଗଦେଇ ସୋରୁମ୍‌କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗୋକୁଳାନନ୍ଦ ସାହୁ, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ସୂଚନ୍ଦ୍ର ମହାଲିକ, ଟ୍ରାନ୍ସ ମୋବିଲିଟିର ଅଲ ଇଣ୍ଡିଆ ସେଲସ ଓ ମାର୍କେଟିଂ ମୁଖ୍ୟ ଶୁଭେନ୍ଦୁ ଶେଖର, ବାରିପଦା ୱାର୍ଡ ନମ୍ବର ୨୩ କାଉନସିଲର ଅନନ୍ତ ଦାସ ଓ ସମାଜସେବୀ ନିରୋଜ ଲୋଚନ ପଣ୍ଡା ପ୍ରମୁଖ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜିର ସମୟରେ ପ୍ରଦୂଷଣ ଦ୍ରୁତଗତିରେ ବଢୁଥିବାରୁ ଇ-ବାଇକ ତାହାକୁ ରୋକିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରକାରଙ୍କ ତରଫରୁ ଏହି ବ୍ୟାଟେରି ଚାଳିତ ଗାଡିଗୁଡିକ ଉପରେ ବିଶେଷ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଶୋରୁମରେ ୫୫ ହଜାର ଟଙ୍କାରୁ ଆରମ୍ଭ କରି ୧ ଲକ୍ଷ ଟଙ୍କା ମଧ୍ୟରେ ଇ-ବାଇକ ଗୁଡିକ ରହିଛି। ଥରେ ଚାର୍ଜ ହେଲେ ଏହା ୬୦ କିମିରୁ ୧୦୦ କିମି ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ତେବେ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଗାଡି କିଣିଲେ ସେମାନଙ୍କୁ ବିଶେଷ ରିହାତି ସୁବିଧା ରହିଛି। ସୂଚନାଯୋଗ୍ୟ ଯେ, ବାରିପଦା ସହରର ୨ଟି ଓ ଦେଉଳି ବଜାରରେ ଗୋଟିଏ ଶୋରୁମ୍ ସତ୍ୟ ଇ-ବାଇକର ଏହା ଚତୁର୍ଥ ପ୍ରତିଷ୍ଠାନ।

## ମଣ୍ଡିରେ କୁଇଣ୍ଟାଲ୍ ପିଛା ୧୦ରୁ ୧୨କେଜି ହେଉଛି କଟ୍‌ନୀ ଛଟ୍‌ନୀ

# ଚାଷୀଙ୍କ ଯୋଗାଣ ବିଭାଗ ଅଫିସ ଘେରଉ

ବାରିପଦା, ୮ ।୨(ସମିସ)

ଜିଲ୍ଲା ଯୋଗାଣ ବିଭାଗର କାର୍ଯ୍ୟାନୁଷ୍ଠାନକୁ ନେଇ ଚାଷୀ ତାତିଛନ୍ତି; ଯାହାକୁ ନେଇ ଉତ୍ତେଜିତ ଚାଷୀ ଗୁରୁବାର ବାରିପଦା ସ୍ଥିତ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ଚାଷୀ ନିଜର ଧାନକୁ ଟୋକନ୍ ଜରିଆରେ ଲ୍ୟାମ୍ପ୍ସର ବିକ୍ରି କରିଲେ କୁଇଣ୍ଟାଲ ପିଛା ପ୍ରାୟ ୧୦ରୁ ୧୨କେଜି ପର୍ଯ୍ୟନ୍ତ କଟନୀ ଛଟନୀ ବାବଦକୁ ଧାନ ଓଜନ କଟାଯାଉଛି। ଆଉ ଖୋଲା ବଜାରରେ ବିକ୍ରି

**ଧାନ ବିକ୍ରିରେ ବାଧକ ସାଜିଛି ଯୋଗାଣ ବିଭାଗ**

କଲେ ଜିଲ୍ଲା ଯୋଗାଣ ବିଭାଗ ନାଲି ଆଖି ଦେଖାଇ କରୁଛି ଜବତ। ଯାହାକି ସିଧା ଚାଷୀ କ୍ଷତିଗ୍ରସ୍ତ ହେଉଛି। ତେଣୁ ଜିଲ୍ଲାର ବିଭିନ୍ନ ବ୍ଲକର ଚାଷୀ ମାନେ ଏହିପରି ଅଭିଯୋଗ କରି ସମାଧାନ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଚାଷଧାନ



ବିକ୍ରି କରିବା ଲାଗି ଧାନ ମଣ୍ଡିରେ ଅପେକ୍ଷା କରି ରହିବାକୁ ପଡୁଛି। ଏଥିସହିତ ମଣ୍ଡିଗୁଡିକ ମିଲରଙ୍କ ଦ୍ୱାରା ପରିଚାଳିତ ହେଉଛି। ଯଦ୍ଦ୍ୱାରା କୁଇଣ୍ଟାଲ ପିଛା ୧୦ରୁ ୧୨କିଲୋଗ୍ରାମ କଟନୀ ଛଟନୀ ହେଉଛି। ଯେଉଁଠାରେ ଚାଷୀମାନେ ଧାନ କିଣାବିକାରେ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଲ୍ୟାମ୍ପ୍ସ ଏବଂ ମିଲ୍‌ରେ ଧାନ କିଣାବିକା ସମୟରେ ପ୍ରତ୍ୟେକ ବସ୍ତାରୁ କୁଇଣ୍ଟାଲ୍ ପିଛା ୧୦ କେଜିରୁ ଅଧିକା ନ ବାଦ୍ କରି ଦିଆଯାଉଛି। ଫଳରେ ଚାଷମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। କେବଳ ସେତିକି ନୁହେଁ, ବିଭିନ୍ନ ସମୟରେ ଲ୍ୟାମ୍ପ୍ସ ଧାନ ନେବାକୁ ମନା କରିଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଚାଷୀ। ତେଣୁକରି ଚାଷୀ କ୍ଷତି ସହି ନପାରି ଧାନ ବିକ୍ରି କରି କିଛି ଲାଭ ପାଇବା ପାଇଁ ଧାନକୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ମିଲରମାନଙ୍କୁ ନଗଦ ଟଙ୍କା ସହ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। କିନ୍ତୁ ସେଥିରେ ଖାଦ୍ୟ ଯୋଗାଣ ବିଭାଗ ବିଭିନ୍ନ ସମୟରେ ବେଆଇନ ଭାବେ ଧାନ ବାହାରକୁ ଚାଲାଣ କରୁଥିବା କହି ଧାନ ଗାଡ଼ି ଜବତ କରୁଛନ୍ତି। ଏଥିସହିତ ଦୀର୍ଘ ଦିନ ଧରି ଧାନ ଗାଡ଼ିରେ ପଡ଼ି ରହିବା କାରଣରୁ ଧାନ ଗୁଡ଼ିକ ନଷ୍ଟ ହେଉଛି। ଫଳରେ ଚାଷୀ ମାନେ ଅନେକ କ୍ଷତି ସହୁଛନ୍ତି। ଏହି ଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଚାଷୀ ଶଶିକାନ୍ତ ବାରିକ ଓ ଶଶିକାନ୍ତ ଆଚାର୍ଯ୍ୟ ପ୍ରମୁଖ ବହୁ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ କ୍ଷତି ସହୁଥିବାରୁ ଏହାର ସମାଧାନ ପାଇଁ ଗୁରୁବାର ଜିଲ୍ଲା ଯୋଗାଣ ଓ ଖାଉଟି କଲ୍ୟାଣ କାର୍ଯ୍ୟାଳୟ ଚାଷୀ ମାନେ ଘେରାଉ କରିଛନ୍ତି। ତେବେ ଏ ବିଷୟରେ ଜିଲ୍ଲା ଯୋଗାଣ ବିଭାଗର ସିଭିଲ ସପ୍ଲାଇ ଅଫିସର (ସିଏସଓ) ଅନାଦି ଚରଣ ସେଠୀଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା କରିବା ପରେ ଚାଷୀଙ୍କ ସମସ୍ୟାର ସମାଧାନ ବାଟ ବାହାରିଥିବା ବେଳେ ଜବତ କରାଯାଇଥିବା ଧାନକୁ ରିଲିଜ୍ କରି ଦିଆଯିବା ସହ ଆଗକୁ ଆଉ ଜବତ କରାଯିବ ନାହିଁ ବୋଲି ସେ ପ୍ରତିଶୃତି ଦେଇଛନ୍ତି। ପରେ ଚାଷୀମାନେ ବିକ୍ଷୋଭରୁ ଓହରିଯାଇଥିଲେ।

■ ଜିଲ୍ଲାସ୍ତରରେ ମୟୂରଭଞ୍ଜର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ଦ୍ରୌପଦୀ ଉଚ୍ଚ ବିଦ୍ୟାଳୟ ବାଳିକା ଦଳ ସମ୍ମାନିତ

ବାରିପଦା, ୮ ।୨(ସମିସ)

ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯାଳୟ ସଦଭାବନା ସଭା ଗୃହରେ ଜିଲ୍ଲାରେ କୃତକାର୍ଯ୍ୟ ହାସଲ କରିଥିବା ବାଳିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଭାଗର ୨୦୨୩ରେ ବ୍ଲକସ୍ତରରେ ପରୀକ୍ଷାରେ ବାଳିକାମାନଙ୍କ ମଧ୍ୟରେ ଟପ୍ପର ହୋଇଥିବା ଛାତ୍ରୀଙ୍କୁ ବେଟି ବଚାଓ ବେଟି ପଢ଼ାଓ ଅଧୀନରେ ମାନପତ୍ର, ଟ୍ରଫି ଏବଂ ଅର୍ଥ ରାଶି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଟି ବ୍ଲକର ଟପ୍ପର ବାଳିକାମାନେ ଉପସ୍ଥିତ ଥିଲେ। ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍କୁଲ ପାଇପ ବ୍ୟାଣ୍ଡ ପ୍ରତିଯୋଗିତାରେ ଭାଗ ନେଇ ବାଳିକା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡା ପଞ୍ଚାୟତ ଦ୍ରୌପଦୀ ଉଚ୍ଚ ବିଦ୍ୟାଳୟର ବାଳିକା ଦଳକୁ ବିଜୁ କନ୍ୟା ରତ୍ନ ଯୋଜନା ଅଧୀନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଆଶିଷ ଠାକରେ ବାଳିକାମାନଙ୍କୁ ସମ୍ମାନିତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଠାକରେ ବାଳିକାମାନେ କିପରି ପାଠପଢ଼ି ଆଗକୁ ଯାଇପାରିବେ ଏବଂ ସେଥିପାଇଁ ଜିଲ୍ଲା ପ୍ରଶାସନ ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ କନ୍ୟା ସନ୍ତାନ ପ୍ରତି ଥିବା ଅବହେଳାତ୍ମକ ଚିନ୍ତାଧାରାକୁ ଦୂରେଇ ସେମାନଙ୍କୁ କିପରି ସମାନ ଅଧିକାର ପ୍ରଦାନ କରାଯିବ ଏହା ଏକ ପ୍ରୟାସ ବୋଲି ଅତିଥିମାନେ କହିଥିଲେ।



## ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ସମାରୋହ 'ଟେକ୍ନୋମେଲିଜମା'

# ପ୍ରିୟଦର୍ଶିନୀ ମିସ୍ ଓ ଶ୍ରେୟାଶିଷ ମିଷ୍ଟର ଏମ୍ଏସଇ




ବାରିପଦା, ୮ ।୨(ସମିସ)

ଲକ୍ଷ୍ମୀପୋଷି ସ୍ଥିତ ଉତ୍ତର ଓଡ଼ିଶାର ଅଗ୍ରଣୀ ଡିପ୍ଲୋମା ଇଞ୍ଜିନିୟରିଂ ଅନୁଷ୍ଠାନ ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂର ବାର୍ଷିକ ସମାରୋହ 'ଟେକ୍ନୋମେଲିଜମା-୨୦୨୪' ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଇଯାଇଛି। ଅଧ୍ୟକ୍ଷ ଇଂ. ଧରମବୀର ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ ଡିଆରଡିଓର ଆସୋସିଏଟେଡ ଡାଇରେକ୍ଟୋର ବି. ସୁଚରିତା ଯୋଗଦେଇ ଉତ୍ତମ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ବୁଗୁଡେଇ ଜୀବନର ଶ୍ରେଷ୍ଠ କର୍ମଶୈଳୀକୁ ଆପଣେଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରିଚାଳନା ସମିତିର ସଭାପତି କାହ୍ନୁ ସୋରେନ ଏବଂ ସଦସ୍ୟ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଉଦବୋଧନ ଦେଇ ସୁସ୍ଥ ତଥା ଆଦର୍ଶ ସମାଜ ସହ ଦେଶଗଠନ କରିବାର ସ୍ୱପ୍ନକୁ ସାକାର କରିବା ସକାଶେ




ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ମୁଖପତ୍ର 'ଦି ରିଭିଲେସନ'କୁ ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ ପ୍ରତିଯୋଗିତାରେ ମିସ ଏମଏସଇଭାବେ ଛାତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ମିଷ୍ଟର ଏମଏସଇ ଭାବେ ଛାତ୍ର ଶ୍ରେୟାଶିଷ ପତି ଏବଂ ସର୍ବୋତ୍କୃଷ୍ଟ ବିଦ୍ୟାର୍ଥୀ ଭାବେ ଛାତ୍ର ଅଲେଖ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ପ୍ରତିଯୋଗିତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ଆଦିର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରଯାଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ରାମ୍ପ ଶୋ ଓ ଚିତ୍ତାର୍କଷକ ନୃତ୍ୟ ତଥା ଅଲିଉଡ ଜଗତର ସିନେ ଆର୍ଟିଷ୍ଟ କଳାକାରଙ୍କର ବହୁମୁଖୀ ପ୍ରତିଭା ସମସ୍ତଙ୍କ ମନ ମୋହିଥିଲା। ପ୍ରାରମ୍ଭରେ ଡ.ରଞ୍ଜିତ କୁମାର ସାହୁ ସ୍ୱାଗତ ଜଣାଇଥିଲେ। ଅଲିଭା ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ରାଜ୍ୟର ପ୍ରଥମ ଶିଳ୍ପ ତାଲିମ କେନ୍ଦ୍ରକୁ ପୂରିଲା ୯୩ ବର୍ଷ

# ଆଜି ପ୍ରତିଷ୍ଠା ଦିବସ; ତାଲିମ ନେଉଛନ୍ତି ୪୦୮ ବିଦ୍ୟାର୍ଥୀ

ବାରିପଦା, ୮ ।୨(ସମିସ)

ମୟୂରଭଞ୍ଜର ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟରେ ୧୯୩୧ ମସିହାରେ ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ବାରିପଦାର ରେଳ ଷ୍ଟେସନ ନିକଟରେ ପୂର୍ଣ୍ଣଚନ୍ଦ୍ର ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପ୍ରତାପ ଚନ୍ଦ୍ରଙ୍କ ସହିତ ଏହି କାର୍ଯ୍ୟକ୍ରମରେ ବିହାର ଓ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଜେମ୍ସ ଡେଭିଡ ସିପଟନ ମଧ୍ୟ ଉପସ୍ଥିତ ଥିଲେ। ସେତେବେଳେ ମୟୂରଭଞ୍ଜ ଓଡ଼ିଶାରେ

**୧୯୩୧ରେ ଶିଳାନ୍ୟାସ କରିଥିଲେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ**

ନ ମିଶି ସ୍ୱତନ୍ତ୍ର ରାଜ୍ୟ ଭାବେ ରହିଥିଲା। ରାଜ୍ୟର ଯୁବକଯୁବତୀଙ୍କୁ ଶିଳ୍ପ ଭିତ୍ତିକ ଶିକ୍ଷା/ତାଲିମ ଯୋଗାଇଲେ ସେମାନେ ବିଭିନ୍ନ ଶିଳ୍ପ ଉଦ୍ୟୋଗରେ ନିଯୁକ୍ତି ପାଇବା ସହିତ ନିଜେ ମଧ୍ୟ ଜଣେ ଜଣେ ଉଦ୍ୟୋଗୀ ହୋଇପାରିବେ ବୋଲି ମହାରାଜାଙ୍କ ଦୂରଦର୍ଶୀ ଲକ୍ଷ୍ୟ ରହିଥିଲା। ସେତେବେଳେ ଓଡ଼ିଶାରେ ମଧ୍ୟ ଏହିଭଳି ଅନୁଷ୍ଠାନ ନ ଥିଲା। ଏହି ଅନୁଷ୍ଠାନ ଆସନ୍ତାକାଲି ୯୩ ବର୍ଷରେ ପଦାର୍ପଣ କରୁଛି। ଶତାୟୁ ଅନୁଷ୍ଠାନ ଭାବେ ଆଉ ୭ ବର୍ଷ ରହିଥିବାବେଳେ ଏହା ଶିଳ୍ପ ତାଲିମକେନ୍ଦ୍ର ଭାବେ ଏକ ମହାଦ୍ରୁମ ପାଲଟିଛି। ବର୍ତ୍ତମାନ ଅନୁଷ୍ଠାନରେ ଫିଟର, ଇଲେକ୍ଟ୍ରିସିଆନ, ଇଲେକ୍ଟ୍ରୋନିକ ମେକାନିକ,



ଆଇସିଟେସନ (କମ୍ପ୍ୟୁଟର), କୋପା (ସଫ୍ଟୱେର), କଟିଙ୍ଗ ଓ ସୁଇଂ (ଟେଲରିଂ) ଆଦି ୬ଗୋଟି ଟ୍ରେଡ୍‌ରେ ୪୦୮ ଜଣ ଛାତ୍ରଛାତ୍ରୀ ତାଲିମ ନେଉଛନ୍ତି। ଖୁବଶୀଘ୍ର ଏଠାରେ ସୋଲାର ଟେକ୍ନିସିଆନ ଟ୍ରେଡ୍ ଆରମ୍ଭ ସହିତ ଆଉ ଅଧିକ ୮୦ଜଣ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଅନୁଷ୍ଠାନରେ ଅଧ୍ୟକ୍ଷଙ୍କୁ ମିଶାଇ ୩୭ ଜଣ କର୍ମଚାରୀ ରହିଛନ୍ତି। ଆବାସିକ ଶିକ୍ଷା ପାଇଁ ସରକାରଙ୍କ ପକ୍ଷରୁ ପୃଥକ ଭାବେ ଯୁବକ ଯୁବତୀଙ୍କ ହଷ୍ଟେଲ କାର୍ଯ୍ୟ କରୁଛି। ଅନୁଷ୍ଠାନ ପରିସରରେ ଥିବା ଛାତ୍ରୀ ନିବାସ ୬୦ରୁ ୧୦୦ ଜଣ ବିଶିଷ୍ଟ ହେବାକୁ ଯାଉଛି। ରାଜାରାଜୁଡା ଅମଳର ଐତିହ୍ୟ କୋଠାରେ ଏବେ ମଧ୍ୟ ଶିକ୍ଷାଦାନ ଜାରି ରହିଛି। ରାଜ୍ୟ ସରକାରଙ୍କ ଅଧୀନକୁ ଏହି ଅନୁଷ୍ଠାନ ଆସିବା ପରେ ରୂପରେଖ ବଦଳିଛି।

ଶିକ୍ଷା ଅନୁଷ୍ଠାନରୁ ବହୁ ଛାତ୍ରଛାତ୍ରୀ ଦେଶ ବିଦେଶର ଖ୍ୟାତନାମା କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଶିଳ୍ପ ପ୍ରତିଷ୍ଠାନର ଛାତ୍ରୀ ନିରୂପମା ମହାନ୍ତ ପ୍ରତିରକ୍ଷା ଗବେଷଣା କେନ୍ଦ୍ରରେ, ବିଦୁସ୍ମିତା ଜେନା ହିନ୍ଦୁସ୍ଥାନୀ ଆରୋନେଟିକାଲ ଲିମିଟେଡ୍‌ରେ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପ ତାଲିମ କେନ୍ଦ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀ ଭାବେ ଏବେ ପ୍ରତିଷ୍ଠିତ ରହିଛନ୍ତି। ଏଥିସହିତ ବହୁ ଛାତ୍ରଛାତ୍ରୀ ନିଜେ ନିଜେ ଶିଳ୍ପ ସଂସ୍ଥା ଖୋଲି ସ୍ୱାବଲମ୍ବୀ ସହିତ ଅନେକଙ୍କୁ ନିଯୁକ୍ତି ଦେଇଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଅନୁସୂଚିତ ଜାତି ଜନଜାତି ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ରାଜ୍ୟ ସରକାରଙ୍କ ଛାତ୍ରବୃତ୍ତି ମଧ୍ୟ ପାଉଛନ୍ତି। ସେମାନଙ୍କ ପାଇଁ ଏହି ଅନୁଷ୍ଠାନ ଏକ ନିଯୁକ୍ତି କେନ୍ଦ୍ର ପାଲଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

### ମତାମତ...



ଗତ ୨୦୧୪ ମସିହାରୁ ଏହି ଅନୁଷ୍ଠାନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛି। ଛାତ୍ରଛାତ୍ରୀଙ୍କୁ ଶ୍ରେଷ୍ଠ ଶିକ୍ଷା ପ୍ରଦାନ ପାଇଁ ମୁଁ ଗୁରୁତ୍ୱ ଦେଉଛି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ କ୍ୟାମ୍ପସ ଚୟନ ମାଧ୍ୟମରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇବା ମୋ ପାଇଁ ଶ୍ରେଷ୍ଠ ଅନୁଭୂତି ସାଜିଛି।

କାନ୍ଦନ ମାଝୀ, ଅଧ୍ୟକ୍ଷ



ରାଜ୍ୟର ଏକ ସର୍ବପୁରାତନ ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ମୋ ପାଇଁ ସୌଭାଗ୍ୟ ଥିଲା। ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଏବେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। ୯୦ ବର୍ଷ ପୂର୍ବେ ମହାରାଜାଙ୍କ ଚିନ୍ତାଧାରା ଆଜି ଜିଲ୍ଲା ଓ ରାଜ୍ୟ ପାଇଁ ସଫଳତା ଆଣିଛି।

ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ପ୍ରାକ୍ତନ ଅଧ୍ୟକ୍ଷ



ନିଜ ୱାର୍ଡ ତଥା ମୋ ଘର ପାଖର ଅନୁଷ୍ଠାନକୁ ମୁଁ ଜନ୍ମ ପାଖରୁ ଦେଖି ଆସୁଛି। ଏହାର ପରିବେଶ ଓ ଶିକ୍ଷାଦାନ ଅତି ଉନ୍ନତ। ଆମ ଜିଲ୍ଲା ତଥା ବାହାରର ବହୁ ଛାତ୍ରଛାତ୍ରୀ ଏଠାରୁ ତାଲିମ ଗ୍ରହଣ କରି ଏବେ ଚାକିରି କଲେଣି। ଆଗକୁ ନିଜ ପିଲାମାନଙ୍କୁ ଏହି ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ମୁଁ ଅଭିଭାବକଙ୍କୁ ନିବେଦନ କରୁଛି।

ଦେବାଶିଷ ପାତ୍ର, ସ୍ଥାନୀୟ କାଉନସିଲର

## କରଞ୍ଜିଆରେ ମାଣ୍ଡିଆ ମଣ୍ଡି ଉଦଘାଟିତ

କରଞ୍ଜିଆ, ୮।୨(ସମିସ): କରଞ୍ଜିଆରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଛି। କରଞ୍ଜିଆ ଏନଏସି ସ୍ଥିତ ଅଙ୍କୁରା ଅଞ୍ଚଳରେ ଥିବା ଫାର୍ମର ପ୍ରଡ୍ୟୁସର କମ୍ପାନୀ କାର୍ଯ୍ୟାଳୟରେ ଏହି ମଣ୍ଡି ଖୋଲାଯାଇଛି। ଅତିଥି ଭାବେ ଟିଡିସିସିର ଅରୁଣ ଦାସ ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ ରାମଚନ୍ଦ୍ର ନାୟକ, ବ୍ଲକ କୃଷି ଅଧିକାରୀ ଅଭିମନ୍ୟୁ ଅଣ୍ଡିଆ, କମ୍ପାନୀ ସିଇଓ ସ୍ୱାଗଟିକା ପରିଡ଼ା, ହିସାବ ରୋକ୍ଷକ ପ୍ରିୟଙ୍କା ସାହୁ, ଏମଡି ଶିରୀଶ ଚନ୍ଦ୍ର ମହାନ୍ତ, ନିର୍ଦ୍ଦେଶକ ବାସନ୍ତୀ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଉଦଘାଟନ କରିଥିଲେ। ରଜତ ପାତ୍ର ଓ ସଂଯୋଜକ ନିବେଦିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

ANIMESH INDIAN SNACKS The ultimate name of Quality
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ
ନାମଲେଖା ବିଜ୍ଞାପନ- ୨୦୨୪-୨୫
ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।
ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।
ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୪୨୫୦୦୩, ୯୪୩୯୩୬୧୨୦୮

# ସଂକୀର୍ଣ୍ଣ ବୁଲାଣି ରାସ୍ତା ପାଇଁ ବଢୁଛି ଦୁର୍ଘଟଣା

● ରାସ୍ତାକୁ ଲାଗି ରହିଛି ବିରାଟ ଜଳାଶୟ
● ସୁରକ୍ଷାବାଡ଼ ନିର୍ମାଣ କରିବାକୁ ଦାବି

ହାଟଡ଼ିହୀ,୮।୨(ସମିସ)



କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ମରେଇଗାଁ ବଜାର ଠାରୁ ସଡ଼ା ଅଭିମୁଖେ ଲମ୍ବିଥିବା ମୁଖ୍ୟରାସ୍ତାର ମରେଇଗାଁ ପୋଖରୀ ଛକ ଠାରେ ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ହେବା ସହିତ ରାସ୍ତାରେ ଥିବା ବୁଲାଣି ଯୋଗୁଁ ଏଠାରେ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଉଥିବା କୁହାଯାଇଛି। ଗାଁ ରାସ୍ତାଟି ମରେଇଗାଁ-ସଡ଼ା ମୁଖ୍ୟରାସ୍ତା ସହିତ ସଂଯୋଗ କରିଥିବା ବେଳେ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ପଥଚାରୀଙ୍କ ସହ ବାଇକ୍ ଠାରୁ ଆରମ୍ଭ କରି ଛୋଟବଡ଼ ଯାନବାହନ, ସ୍କୁଲ ବସ୍, ଜରୁରୀକାଳୀନ ଗାଡ଼ି ଆଦି ଚଳାଚଳ କରିଥା'ନ୍ତି। ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ହେବା ସହ ଏଠାରେ ରାସ୍ତାଟି ବଙ୍କା ଥିବାରୁ ଅନେକ ସମୟରେ କିଛିନା କିଛି ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ପ୍ରକାଶ ଥାଉକି, ଉକ୍ତ ରାସ୍ତାକୁ ଲାଗି ଗାଁର ଏକ ବିରାଟ ଜଳାଶୟ ବା ପୋଖରୀ ରହିଛି। ତେବେ ଜଳାଶୟକୁ ଲାଗି ରାସ୍ତାଟି ନିର୍ମାଣ ହୋଇଥିଲେ ସୁଦ୍ଧା ଏଯାଏଁ ପଥଚାରୀଙ୍କ ସୁରକ୍ଷା ଲାଗି ରାସ୍ତାରେ କୌଣସି ସୁରକ୍ଷାବାଡ଼ର ବ୍ୟବସ୍ଥା ହୋଇନାହିଁ। ଯାହାଦ୍ୱାରା ପଥଚାରୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଯା'ଆସ କରୁଥିବା ବେଳେ ଛୋଟ ଛୋଟ ପିଲାମାନେ ମଧ୍ୟ ସନ୍ଧ୍ୟା ସମୟରେ ଟ୍ୟୁସନ୍ ଯାଆସ କରୁଥିବା ବେଳେ ନାନା ସମସ୍ୟା ଉପୁଜୁଛି। ଆଗାମୀ ଦିନରେ ଧନଜୀବନ କ୍ଷତି ନହେବା ସକାଶେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଆକର୍ଷଣ କରି ପଥଚାରୀଙ୍କ ସୁରକ୍ଷା ଲାଗି ରାସ୍ତା କଡ଼ରେ ସୁରକ୍ଷାବାଡ଼ା ନିର୍ମାଣ କରାଇବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଟ୍ରକ୍ ଧକ୍କାରେ ପଥଚାରୀ ଗୁରୁତର

**ତେଲକୋଇ,୮।୨(ସମିସ):** ତେଲକୋଇ ଥାନା ଜଗମୋହନ ପୁର ୪୯ ନମ୍ବର ଜାତୀୟ ରାଜପଥ ମେଡିକାଲ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ପଥଚାରୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ କୌଣସି ପରିଚୟ ମିଳି ପାରିନାହିଁ। ସ୍ଥାନୀୟ ଲୋକେ ଟ୍ରକ୍‌କୁ ଅଟକ ରଖିଛନ୍ତି। ଚାଳକ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଖବର ପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଗୁରୁତରଙ୍କୁ ପ୍ରଥମେ ତେଲକୋଇ ଏବଂ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାହାଣ ଗୋଡରେ ଗଭୀର ଆଘାତ ଲାଗିଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି।

## ବିଦେଶୀ ମଦ ଜବତ

**ସୋସୋ, ୮।୨ (ସମିସ):** ହାଟଡିହୀ ବ୍ଲକର ମରୈଗାଁଠାରେ ଥିବା ଅବକାରୀ ବିଭାଗ ଓ ଆନନ୍ଦପୁର ଅବକାରୀ ବିଭାଗର ମିଳିତ ଚଢ଼ଉରେ ଢେଙ୍କା ଗ୍ରାମର ପ୍ରଭାକର ମହାନ୍ତିଙ୍କୁ ପୁରୁଣାପାଣି ନିକଟରେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଚଢାଉକରି ପ୍ରଭାକରଙ୍କୁ ଗିରଫ କରିବା ସହିତ ୪ଲିଟର ୮ମିଲିଗ୍ରାମ ବିଦେଶୀ ମଦ ଜବଦ କରିଛି। ମରୈଗାଁ ଅବକାରୀ ବିଭାଗର ଇନ୍ସପେକ୍ଟର ସ୍ମିତା ବେହେରା, ଆନନ୍ଦପୁର ଅବକାରୀ ବିବାଗର ଏଏସଆଇ ବଟକୃଷ୍ଣ ରାଉତ, ସୁଶାନ୍ତ କୁମାର ରାଉତ ଓ ଅନ୍ୟ କର୍ମଚାରୀଙ୍କ ମିଳିତରେ ଚଢ଼ଉ କରାଯାଇଥିଲା।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ସୋସୋ, ୮।୨ (ସମିସ):** ହାଟଡିହୀ ବ୍ଲକ ସଡ଼ଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର କଲେଜର ଅଧ୍ୟକ୍ଷ ସୁବ୍ରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ବାଳିକା ମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ପ୍ରଶିକ୍ଷକ କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିଥିବାବେଳେ ନୋଡାଲ ଅଫିସର ଭାବେ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ ଶିବିର ପରିଚାଳନା କରିଥିଲେ। ଏଥିରେ କଲେଜର ସମସ୍ତ ସହକର୍ମୀ ସହଯୋଗ କରିଥିଲେ।

## 'ଭରସା' ପରିବାର ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ସହାୟତା

**ପାଟଣା,୮।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣାବ୍ଲକ୍ ପଲାଣଘାଟି ପଞ୍ଚାୟତ କୁମୁଳାବାହାଳୀ ଗ୍ରାମର ରଙ୍ଗ ବେହେରାଙ୍କ ମୃତ୍ୟୁ ପରେ ତାଙ୍କର ବୋହୂ ମାଳତୀ ବେହେରା ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସମସ୍ୟା ମଧ୍ୟରେ ରହିଥିଲେ। ଖବର ପାଇ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ପକ୍ଷରୁ ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତ, ପାଟଣା ବ୍ଲକ ସଭାପତି ଭରତ ଚନ୍ଦ୍ର ମହାନ୍ତ, ସମ୍ପାଦକ ବାପୁନ କୁମାର ମହାନ୍ତ, ଜିଲ୍ଲା ଉପ ସଭାପତି ତାପସ ବେହେରା, ସୁମନ୍ତ ବାରିକ, ଅନିଲ କୁମାର ବେହେରା, ବାସନ୍ତୀ ମହାନ୍ତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।

## କାଶିବେଢ଼ାରେ ମାଗେ ପରବ ପାଳିତ

**ଢେଙ୍କିକୋଟ,୮।୨(ସମିସ):** ଘଟଗାଁ ବ୍ଲକ ଖଣ୍ଡଘର ପଞ୍ଚାୟତ କାଶିବେଢ଼ା ଗ୍ରାମରେ ୫ରୁ ୮ତାରିଖ ପର୍ଯ୍ୟନ୍ତ ମୁଣ୍ଡା ସମାଜ ତରଫରୁ ମାଗେ ପରବ ଅନୁଷ୍ଠିତ ହୋଇଛି। ପାଣ୍ଡବ ଚାତମାଙ୍କ ସଂଯୋଜନାରେ ପ୍ରତିବର୍ଷ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏଥିରେ ୮ଟି ପଞ୍ଚାୟତର ୧୦୦୦ରୁ ଅଧିକ ଲୋକ ମାଗେ ପରବ ପାଳନ ଅବସରରେ ପାରମ୍ପାରିକ ନାଚ ଗୀତରେ ସାମିଲ ହୋଇଥିଲେ। ମାଗେପରବ ଦେଖିବା ପାଇଁ ଗ୍ରାମର ସମସ୍ତେ ଅଂଶଗ୍ରହଣ କରିଥିଲେ।

## ଉଦୟପୁର ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

**ପାଟଣା,୮।୨(ସମିସ):** ସାହାରପଡ଼ା ବ୍ଲକ୍ ଉଦୟପୁର ଉଚ୍ଚବିଦ୍ୟାଳୟର ୧୯୬୯ ବ୍ୟାଚ୍‌ର ଛାତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପିପିଲିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ନିଜର ସ୍ମୃତିଚାରଣ କରି ନିଜ ନିଜ ଭିତରେ ଭାବ ବିନିମୟ କରିଥିଲେ। ଏଥରେ ପୁରାତନ ଛାତ୍ର ଡାକ୍ତର ନୃସିଂହ ସାମଲ, ପ୍ରତାପ ପରିଡ଼ା, କାଶି ରାଜ, ଦୋଳଗୋବିନ୍ଦ ନାୟକ, ରମେଶ ରାଜ, ହୃଷି ବଘେଲ, କ୍ଷେତ୍ର ବାଘେଲ, ଧବଳେଶ୍ୱର ସେଠୀ, ମହେଶ୍ୱର ମହାନ୍ତ, ବାସୁ ସେଠୀ, ଯୋଗେଶ୍ୱର ମହାନ୍ତ, ଗୌର ମହାନ୍ତ, ଧନୁଞ୍ଜୟ ମହାନ୍ତ, ସତ୍ୟା ପାତ୍ର, ଦିବାକର ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଖୋଲିଲା ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର




**ଆନନ୍ଦପୁର,୮।୨ (ସମିସ):** ଆନନ୍ଦପୁର ବ୍ଲକ ପଣସଡିହା ଠାରେ ଆସ୍ୱାୟାର୍ ପକ୍ଷରୁ ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନଙ୍କର କମ୍ପ୍ୟୁଟର ସମ୍ପର୍କିତ ଜ୍ଞାନ ବୃଦ୍ଧି ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ୍ୱାୟାର୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁନାରାମ ପୂର୍ତ୍ତୀ, ନାଏବ ସରପଞ୍ଚ ମାଧୁରୀ ଟୁଡ୍ଡୁ, ବିର୍ଶା ମୁଣ୍ଡା, ହୋ ସମାଜ ଆନନ୍ଦପୁର ବ୍ଲକ ସଭାପତି ଗୋପାଲ ଚନ୍ଦ୍ର ଗାଗରାଇ, ସମ୍ପାଦକ ହିଲୁ ବିରୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆସ୍ୱାୟାର୍ ଆନନ୍ଦପୁର ବ୍ଲକ ସଂଯୋଜକ ସମୀର ମହାକୁଡ, ଶିକ୍ଷା ସଂଯୋଜକ ବିଶ୍ୱଜିତ୍ ପଲେଇ, ଶିଶୁ ସମନ୍ୱିତ ବିକାଶ ସଂଯୋଜକ ଲଳିତା ମହାନ୍ତ, ପଣସଡିହା ପୂର୍ବତନ ସରପଞ୍ଚ ବିଣାପାଣି ନାଏକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଅଧିବାସୀ ଓ ଅସ୍ୱାୟାରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନରଦା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାମଚନ୍ଦ୍ରପୁର,୮।୨(ସମିସ):** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ନରଦା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ରୁଦ୍ର ଭୂୟାଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ପୁରାତନ ଛାତ୍ର ବେଣୁଧର ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ଅନାଦି ଚରଣ ବେହେରା, ସମ୍ମାନୀତ ଅତିଥି ଭାବେ ସର୍ବେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ନାୟକ, ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ନନ୍ଦ, ଓସ୍ତପୁରା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାଏକ, ୱାର୍ଡମେମ୍ବର



ଅନନ୍ତ ପଲେଇ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଦେବାଶିଷ ସାମଲ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ଦକ୍ଷିଣରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମସ୍ତ ମଞ୍ଚାସିନ ଅତିଥି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ଆଦି ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟ ସ୍ତରୀୟ କ୍ରୀଡା ଓ ଅନ୍ୟାନ୍ୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ, ଟ୍ରଫି, ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଭୋଜନ ବିରତି ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୋଲକ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ହିରଣ୍ୟ ସିଂ, କର୍ମଚାରୀ ଦେବାନନ୍ଦ ନାଏକ, କ୍ଷୀରମଣି ନାଏକ ପ୍ରଭୃତି ସକ୍ରିୟ ସହଯୋଗ କରିଥିଲେ।

## ଟିଏମ୍ ଏକାଡେମୀର ବାର୍ଷିକ ଉତ୍ସବ



**ସୋସୋ, ୮।୨ (ସମିସ):** ହାଟଡିହୀ ବ୍ଲକ ଡଅଁର ଟିଏମ୍ ଏକାଡେମୀ ହାଇସ୍କୁଲର ବାର୍ଷିକ ଉତ୍ସବ ଓ କ୍ରୀଡ଼ାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଆର୍‌ସିସି ସୁରେସ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଶିକ୍ଷାବିତ ରତ୍ନାକର ପଣ୍ଡା, ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମଦନ ମୋହନ ନାୟକ, ପ୍ରାକ୍ତନ ଖେଳଶିକ୍ଷକ ବଟକୃଷ୍ଣ ଜେନା, ଗେଡ଼ମା ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମାକାନ୍ତ ସେନାପତି, ଆରବି ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମଲ୍ଲିକ, ଓରାଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନିଲ କୁମାର ସିଂ, ବିସି ହାଇସ୍କୁଲ ବାହାରିପୁର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଶିକ୍ଷକ ସହଯୋଗ ଓ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଅଜନ୍ତା ଯୁଥକ୍ଲବ୍‌ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମୁକ୍ତାପୁର ଚାମ୍ପିଅନ୍



**ଢେଙ୍କିକୋଟ,୮।୨(ସମିସ):** ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମପଞ୍ଚାୟତର ଖଜୁରିଜୁଆଣି ଠାରେ ନବମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ୟାପନୀ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଅଜନ୍ତା ଯୁଥକ୍ଲବର ଯୁବକମାନେ ଆୟୋଜନ କରିଥିଲେ। ସମୁଦାୟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଆଜିର ଫାଇନାଲ ମ୍ୟାଚ ମୁକ୍ତାପୁର ଓ ଜଗନ୍ନାଥପୁର ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ଜଗନ୍ନାଥପୁର ଦଳ ସମସ୍ତ ୱିକେଟ ହରାଇ ୬୧ ରନ୍ ସଂଗ୍ରହ କରିଥିଲା। ପରେ ମୁକ୍ତାପୁର ଦଳ କୌଣସି ୱିକେଟ ନ ହରାଇ ୭ ଓଭର ଖେଳି ବିଜୟୀ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ସିରିଜ୍‌କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଫାଇନାଲ ଖେଳରେ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଘସିପୁରା ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ବିଜୁ ଜନତା ଦଳର ଯୁବ ସଭାପତି ଦେବାଶିଷ ପାତ୍ରଙ୍କ ସମେତ ସେକ ଇମ୍ରାନ୍, ସ୍ଥାନୀୟ ସରପଞ୍ଚ ଦୁଃଶାସନ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସମିତିସଭ୍ୟ ଦନାର୍ଦ୍ଦନ ନାଏକ, ଅଜିତ କୁମାର ପାଢୀ, ପୂଜାର୍ଚ୍ଚନା ପ୍ରମୁଖ ଯୋଗଦାନ କରିଥିଲେ। ଭାଷ୍ୟକାର ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଞ୍ଜୟ କୁମାର ସାହୁ। ଅଜନ୍ତା ଯୁଥକ୍ଲବର ସଦସ୍ୟ ପଙ୍କଜ ନାଏକ, ଦେବାନନ୍ଦ ନାଏକ, ମାନସ ରଙ୍କନ ଦଳେଇ, କାଳିଆ ନାୟକ, ଶିବାନନ୍ଦ ନାଏକ, ସୁଶିଲ ନାଏକ, ବିବିସି ବେହେରା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅମ୍ପେଆର୍ ଭାବେ ରମେଶ ମହାକୁଡ଼ ଓ ଯୋଗେନ୍ଦ୍ର ନାଏକ କାର୍ଯ୍ୟ ତୁଲାଇଥିଲେ।

## ଟ୍ରକ୍ ଦୁର୍ଘଟଣାରେ ବୃଦ୍ଧ ମୃତ

ଚମ୍ପୁଆ, ୮।୨(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ କଇଁତାଠାରେ ଏକ ୧୨ ଚକିଆ ଟ୍ରକ୍ ଜଣେ ୭୦ ବର୍ଷର ବୃଦ୍ଧଙ୍କୁ ଧକ୍କା ଦେବାରୁ ସେଠାରେ ସେ ଗୁରୁତର ଆହାତ ହେବା ସହ ଚିକିତ୍ସା ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହିତ ଟ୍ରକ୍ ଡ୍ରାଇଭରକୁ ଗିରଫ କରିଥିବା ବେଳେ କେସ୍ ନଂ. ୭୭/୨୪ ରୁଜୁ କରି ଘଟଣାର ତଦନ୍ତ ଚଲାଇଛନ୍ତି। ସୂଚନା ଅନୁସାରେ ପାଞ୍ଚପୋଖରିଆ ଗ୍ରାମର ଚନ୍ଦନ କୁମାର ମହାନ୍ତ ଟ୍ରକ୍ ନଂ. ଓଡି ୦୯ଏଲ୍ ୯୪୮୧କୁ ଧରି ମୁଖ୍ୟ ରାସ୍ତାରେ ନ ଯାଇ କଇଁତା ଗ୍ରାମ ଦେଇ ଯାଉଥିବା ବେଳେ ଗ୍ରାମର ନରନ୍ଦ୍ରେ କୁମାର ମହାନ୍ତ ଚଲାବୁଲା କରୁଥିବା ବେଳେ ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ତୁରନ୍ତ ନରେନ୍ଦ୍ରଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯିବା ପରେ ତାଙ୍କର ଉଭୟ ଗୋଡ ଭାଙ୍ଗି ହୋଇଥିବା ଜଣାପଡିଥିଲା। ପରେ ତାଙ୍କର ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଚମ୍ପୁଆ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଲାଇଥିବା ଜଣାଯାଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା 'ସହରୀ' କାର୍ଯ୍ୟକ୍ରମ



**ଚମ୍ପୁଆ,୮।୨(ସମିସ):** ଚମ୍ପୁଆ ଧରଣୀଧର ନଗର ଭବନ ଠାରେ ଆମ ଓଡ଼ିଶା ନବିନ ଓଡ଼ିଶା 'ସହରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଫୁଲଲାଇ ବେସ୍ରାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟ ସରକାରଙ୍କର ବହୁବିଧି ଯୋଜନା ସମ୍ବନ୍ଧରେ ଆଲୋକପାତ କରିବା ସହିତ ସେବା କ୍ଷେତ୍ରରେ ବର୍ତ୍ତମାନ ବୈପ୍ଳବିକ ପରିବର୍ତ୍ତନ ଆରମ୍ଭ ହୋଇଛି ଏବଂ ଏହାର ସୁଫଳ ସବୁ ବର୍ଗର ଲୋକ ଗ୍ରହଣ କରନ୍ତୁ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଜ୍ଞପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଯୋଗ ଦେଇ ସହରୀ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଥିବା ବେଳେ ଜନସାଧାରଣଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଙ୍କଳ୍ପ ବଦ୍ଧ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧ ନମ୍ବର ଓ ୨ ନମ୍ବର ୱାର୍ଡର ମହିଳା ପୁରୁଷ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇଥିଲେ।

## ତେଲକୋଇରେ 'ଶିଶୁ ତରଙ୍ଗ' ମହୋତ୍ସବ

**ତେଲକୋଇ,୮।୨(ସମିସ):** ତେଲକୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆସ୍ୱାୟାର ଅନୁଷ୍ଠାନ ତରଫରୁ ଶିଶୁ ତରଙ୍ଗ ମହୋତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ତେଲକୋଇ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ତେଲକୋଇ ତଳସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ, ହସ୍ତତନ୍ତ, ରଙ୍ଗୋଲି, ପିଲାଙ୍କ ମନୋରଞ୍ଜନ ପାଇଁ ଅନ୍ଧପୁଟୁଳି ଏବଂ ମ୍ୟୁଜିକଚେୟାର ଖେଳ କରାଯାଇଥିଲା। ଏହି ଅବସରରେ ଏକ ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ବେହେରା ସଭା ପରିଚାଳନା କରିଥିଲେ, ସୁକେଶିନୀ ବେହେରା, ପ୍ରଦୀପ କୁମାର ସାହୁ, ଆଶା ଅସୀମା ମାଝୀ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ମହାନ୍ତି, ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ସମିତି ସଭ୍ୟ ରଙ୍ଗାଧର ଓରାମ, ବିଏଲସି ବିଦ୍ୟୁତ ପ୍ରଭା ସେଠୀ, ଗୋଷ୍ଠୀ ସଂଯୋଜକ ଭାଗବତ ହେମ୍ବ୍ରମ, ବିଦ୍ୟାଳୟ ପରିଚାଳନା ସଦସ୍ୟ ସଦସ୍ୟା ଏବଂ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୀତା ବାରିକ, ସିଏଫ ସ୍ମୃତିରଞ୍ଜନ ପଟ୍ଟନାୟକ, ଏଲଏଫ୍ ରେବତୀ ଦେହୁରୀ, ଅନୁପମା ସାହୁ, ଜିତେନ୍ଦ୍ର ଜିତେନ୍ଦ୍ର ଦେହୁରୀ, ସରସ୍ୱତୀ ସେଠୀ, ବିଦ୍ୟାଧର ବେହେରା, ଟୁନି ବହେରା ଏବଂ ଧରିତ୍ରୀ ସ୍ୱାଇଁ ସହଯୋଗ କରିଥିଲେ।

## ବଉଳାରେ ଆତ୍ମରକ୍ଷା ତାଲିମ ଶିବିର

**ସୋସୋ, ୮।୨ (ସମିସ):** ହାଟଡିହି ବ୍ଲକର ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସୋସୋର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ଶିବିର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ପ୍ରୋଗ୍ରାମ ଅଫିସର ସଚିନ୍ଦ୍ର ରାଉତରାୟଙ୍କ ସଂଯୋଜନାରେ କଲେଜର ଅଧ୍ୟକ୍ଷ ଶିବଚରଣ ଖାମିରାଇ, ଅଧ୍ୟାପକ ଫକିର ଚରଣ ଖଣ୍ଡୁଆ, ଅଧ୍ୟାପକ ଉଦୟ କୁମାର ନନ୍ଦ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ନାଥ, ହୃଦାନନ୍ଦ ପାଣିଗ୍ରାହୀ, ଅଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷିକା ସୀମାନ୍ତନୀ ଦାଶ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପାଇଁ ବିଭିନ୍ନ କୌଶଳ ଶିକ୍ଷାଇଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ। ଏହି ସମୟରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଗୌରାଙ୍ଗ ବେହେରା, ଦୁର୍ଯ୍ୟୋଧନ ବାରିକ, ଅନାମ ପାଣ୍ଡିତ, ଦୟାନିଧି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ କୃମିନାଶକ ଦିବସ କର୍ମଶାଳା

ସୋସୋ, ୮।୨ (ସମିସ): ହାଟଡିହୀ ବ୍ଲକର ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜାତୀୟ କୃମି ନାଶକ ଦିବସ କର୍ମଶାଳା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟଶ୍ରୀ ପ୍ରାଣିଗ୍ରାହୀ, ଏବିଓ ପ୍ରମୋଦ ନାୟକ, ବିଡିଏମ୍ ପ୍ରଦିପ୍ ଦାଶ, ଡ. ବିକାଶ ଚନ୍ଦ୍ର ଦାସ, ଡ. ସୁଦିପ୍ତା ପଣ୍ଡା, ବିପିଓ ଚନ୍ଦନ କୁମାର ସାହୁ, ସନ୍ଦିପ୍ ରାଉତ, ସଙ୍ଗୀତା ଦାସ, ମଧୁସୂଦନ ସାମଲ ପ୍ରମୁଖ ଉପସ୍ଥିତ ରହି କୃମି ନାଶକ ସମ୍ପର୍କରେ ଆଲୋଚନା କରିବା ସହିତ ବିଦ୍ୟାଳୟରେ ଥିବା ବିଭିନ୍ନ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ସମିକ୍ଷା କରାଯାଇଥିଲା। ଏହି ସମୟରେ ବ୍ଲକ ଶିକ୍ଷା ବିଭାଗର ସମସ୍ତ ସିଆର୍‌ସିସି ଯୋଗ ଦେଇଥିବା ବେଳେ ହାଟଡିହି ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଉପସ୍ଥିତ ରହିଥିଲେ।

● ଦଧିବାମନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଯୋଡ଼ାବରକୁ ହରାଇ ନେଳିବାରି ଚାମ୍ପିଅନ

**ରାମଚନ୍ଦ୍ରପୁର,୮।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ତରୁଆଁ ଦଧିବାମନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଯୋଡାବର ଟିମ୍‌କୁ ହରାଇ ନେଳିବାରି ଚମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ଯୋଡାବର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୨ ରନ୍ କରିଥିଲେ। ଜବାବରେ ନେଳିବାରି ୨ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ସମାଜସେବୀ ଭାଗ୍ୟକମଳ ବୋଇତେଇ, ଦିଲ୍ଲୀପ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ରାଉତ, ବୀରଭଦ୍ର ଭଞ୍ଜ, ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ୍ ଦ ମ୍ୟାଚ୍ ନେଳିବାରୀ ର ବିକ୍ରମ ମଲ୍ଲିକ ଓ ମ୍ୟାନ ଅଫ୍ ଦ ସିରିଜ୍ ଯୋଡାବରର ଅଭିଳାଷ ନାୟକ ପୁରସ୍କାର ଲାଭ କରିଥିଲେ। ପ୍ରାଣନାଥ ଜେନା, ଲଲାଟ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ତପନ ଖିଲାର ଧାରା ବିବରଣୀ ଦେଇଥିଲେ। ପ୍ରସନ୍ନ ଜେନା, ଲକ୍ଷ୍ମୀଧର ଜେନା ସ୍କୋର ଦାୟିତ୍ୱ ନିର୍ବାହ କରିଥିଲେ। ଦଧିବାମନ କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।



# ଆର୍ଥିକ ସ୍ୱାବଲମ୍ବୀ କରିଛି ଛତୁ ଚାଷ

ଚମ୍ପୁଆ,୮।୨(ସମିସ)



ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଠାରେ ମା' ଜଗତ ଜନନୀ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଆର୍ଥିକ ସ୍ୱବଲମ୍ବୀ କରିବାରେ ଛତୁ ଚାଷର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ମାସକୁ ପ୍ରତ୍ୟେକ ସଭ୍ୟ ଏହି ଉତ୍ପାଦିତ ଛତୁକୁ ବିକ୍ରି କରି ଜଣ ପିଛା ୨ ହଜାରରୁ ୨ ହଜାର ୫ ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଥିବା ସଭାପତି ସବିତା ମହାନ୍ତ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ମହେଶ୍ୱରପୁର ଠାରେ ଏହି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଛତୁ ଚାଷ କରିବାକୁ ପଦକ୍ଷେପ ଆରମ୍ଭ କରିଥିଲେ। ୧୦୦ ଗୋଟି ବେଡରେ ପ୍ରଥମେ ଧିଙ୍ଗଡ଼ି ଛତୁ ଚାଷ ଆରମ୍ଭ କରି ଏହି ଗୋଷ୍ଠୀ ଉତ୍ପାଦିତ ଛତୁକୁ ଭାଗ ଆକାରରେ ବିକ୍ରି କରି ଲାଭବାନ ହୋଇପାରିଥିଲେ। ଏହି ୧୦୦ ଗୋଟି ବେଡର ଛତୁ ୬ ମାସ ପର୍ଯ୍ୟନ୍ତ ଅମଳକ୍ଷମ ହେଉଥିବା ବେଳେ ଛତୁ ଚାଷ ପାଇଁ ଆବଶ୍ୟକ ନଡା ନିଜ ଘରେ ଉପଲବ୍ଧ ହୋଇପାରୁଛି। ଏପରିକି ସ୍ଥାନୀୟ ବଜାରରେ ଏହି ଛତୁ ମଞ୍ଜି ସହଜରେ ମିଳିପାରୁଥିବା ଏବଂ ଏଥି ପାଇଁ ଅଧିକ ପରିଶ୍ରମର ଆବଶ୍ୟକ ପଡୁ ନଥିବା ଶ୍ରୀମତୀ ମହାନ୍ତ ସୂଚନା ଦେଇଛନ୍ତି। ଏହି ଧିଙ୍ଗଡି ଛତୁ ପରେ କୁଟା ଛତୁ ମଧ୍ୟ ନିୟମିତ ଭାବେ ଏହି ଗୋଷ୍ଠୀ ଦ୍ୱାରା ଚାଷ କରାଯାଇଆସୁଛି। ବଜାରର ସୁବିଧା ଏବଂ ଆବଶ୍ୟକ ଉପକରଣର ସହଜ ଉପଲବ୍ଧ ଛତୁ ଚାଷ ପାଇଁ ବେଶ ଅନୁକୂଳ ହେଉଥିବା ବେଳେ ଉତ୍ପାଦିତ ଛତୁକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଇପାରୁଛି। ବଜାରର ଆବଶ୍ୟକତାକୁ ଦେଖି ଉତ୍ପାଦନ ଓ ଅମଳକୁ ବୃଦ୍ଧି କରାଯାଉଥିବା ବେଳେ ମହିଳା ମାନେ ଏହି ଚାଷ ଦ୍ୱାରା କମ ପରିଶ୍ରମରେ ଆର୍ଥିକ ସ୍ୱଚ୍ଛଳ ହୋଇପାରିବେ ବୋଲି ସଂପାଦକ ତପସ୍ୱିନୀ ମହାନ୍ତ ମତ ଦେଇଥିଲେ। ଅନ୍ୟ ପକ୍ଷରେ ଚମ୍ପୁଆ ଅଞ୍ଚଳର ଛତୁ ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ଏହି ଚାଷ ଦ୍ୱାରା କ୍ଷତି ଅପେକ୍ଷା ଲାଭ ଅଧିକ ହୋଇଥାଏ ବୋଲି ଜଣା ଯାଇଛି।

## ଜେଆରସିଓ ସ୍ମୃତିରଞ୍ଜନ ପାଣି ସମ୍ବର୍ଦ୍ଧିତ




ଝରାଡ଼ିହି, ୮।୨(ସମିସ): ଭୁବନେଶ୍ୱର ନୀଳାଚଳ ପଲିଟେକ୍‌ନିକରେ ୫ ଦିନଧରି ଚାଲିଥିବା ରାଜ୍ୟସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଲେଶ୍ୱର ବାହାନଗାଠାରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ବହୁତ ଲୋକଙ୍କୁ ଆହତ କାର୍ଯ୍ୟରେ ରେଡ୍‌କ୍ରସ ପକ୍ଷରୁ ସହଯୋଗର ହାତ ବଢ଼ାଇଥିଲା। ସେହି ସମୟରେ ରକ୍ତଦାତାଙ୍କୁ ସହଯୋଗ ଓ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କୁ ସେବାନିଯୋଗ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ରେଡକ୍ରସର ପୂର୍ବତନ ଅବୈତନିକ ସମ୍ପାଦକ ମେଜର ଡକ୍ଟର କଳ୍ପନା ଦାସ, ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ସିନେ ଜଗତର ଲୋକପ୍ରିୟ ହିରୋ ସବ୍ୟସାଚୀ ମିଶ୍ର, ରାଜ୍ୟ ଜେଆରସିଓ ଲକ୍ଷ୍ମଣ ସ୍ୱାଇଁ, ରାଜ୍ୟ ରୋଟାରୀୟାନ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜେଆରସିଓ ଶ୍ରୀ ପାଣିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ପାଣି ବର୍ତ୍ତମାନ ଝରାଡ଼ିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। କରୋନା ବିପର୍ଯ୍ୟୟ ସମୟରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ 'କରୋନା ଯୋଦ୍ଧା'ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗ୍ରାମବାସୀଙ୍କ ଶ୍ରମଦାନରେ ନିର୍ମାଣ ହେଲା ଅସ୍ଥାୟୀ ପୋଲ

ରାଇରଙ୍ଗପୁର, ୮ ।୨(ସମିସ)

ଦୁଇ ରାଜ୍ୟକୁ ବିଭାଜନ କରୁଥିବା ଖଡ଼ଖାଇ ନଦୀ ଉପରେ ଉଭୟ ରାଜ୍ୟର ସୀମାନ୍ତରେ ବସବାସ କରୁଥିବା ଗ୍ରାମବାସୀ ଦୀର୍ଘ ଦିନର ପରିଶ୍ରମ ପରେ ଏକ ଅସ୍ଥାୟୀ ପୋଲ ଏବଂ ରାସ୍ତା ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଫଳରେ ଉଭୟ ସୀମାନ୍ତ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ ସୁଗମ ହୋଇପାରିଛି। ଏଥିସହିତ ଗ୍ରାମବାସୀ ବଜାରକୁ ଯିବା ପାଇଁ ପ୍ରାୟ ୧୫ କିମି ଦୂରତା

**● ଦୁଇ ରାଜ୍ୟ ମଧ୍ୟରେ ଗମନାଗମନ ଆରମ୍ଭ**

କମ୍ ହୋଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଓଡ଼ିଶା ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳ ସାନନାରାଣୀ ଗାଁରେ। ତିରିଂ ବ୍ଲକ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଥିବା ଖଡ଼ଖାଇ ନଦୀ ଉଭୟ ରାଜ୍ୟ ଦେଇ ପ୍ରବାହିତ ହେଉଛି। ଦୀର୍ଘ ବର୍ଷ ହେଲା ନଦୀରେ ପୋଲ କିମ୍ବା ରାସ୍ତା ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ଷା ଦିନେ ଏଠାରେ ଡଙ୍ଗାରେ ଲୋକେ ଜୀବନକୁ ବିପନ୍ନ କରି ଯିବାଆସିବା କରୁଥିଲେ। ତେଣୁ ଉଭୟ ରାଜ୍ୟ ମଧ୍ୟରେ ଗମନାଗମନ ସୁବିଧା ପାଇଁ ଖଡ଼ଖାଇ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ଲୋକେ ଦାବି କରିଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିନାହିଁ। ବିଗତ କିଛି ମାସ ପୂର୍ବରୁ ତିରିଂ ବ୍ଲକ ସାନ ନାରାଣୀ ଗାଁଠାରେ ସୁର୍ମୀ ଦୁର୍ମୀ କମିଟି ପକ୍ଷରୁ ସମାଜସେବୀ ଗୋପାଳ ଚନ୍ଦ୍ର ବେଶ୍ରାଙ୍କ ନେତୃତ୍ୱରେ ସୀମାନ୍ତ ଅଞ୍ଚଳର ଗାଁ ଗୁଡ଼ିକ ମଧ୍ୟରେ କାସେୟା, ବାନାବିର, ହାରିବେଡା, ପୁଣ୍ଡିଗୁଟୁ, ସାନନାରାଣୀ, ବଡ଼ ନାରାଣୀ, ମାଘୁଆ, ଚନ୍ଦ୍ରୀ, ସିନ୍ଦରୀଗୁଟୁ, ଧୋବା ଧୋବଣୀ, ଦେଓଗମ ଗାଁ ର ଗ୍ରାମବାସୀ ମାନଙ୍କୁ ନେଇ ଏକ ବୈଠକ ର ଆୟୋଜନ କରାଯାଇଥିଲା। ବୈଠକରେ ଗ୍ରାମବାସୀ ନିଜେ ଶ୍ରମଦାନ କରି ଖଡ଼ଖାଇ ନଦୀ ଉପରେ ଅସ୍ଥାୟୀ ପୋଲ ସହ ରାସ୍ତା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ପରେ ଉଭୟ ରାଜ୍ୟର ସୀମାନ୍ତ ଅଞ୍ଚଳର ବସବାସ କରୁଥିବା ଗ୍ରାମବାସୀ ସିମେଣ୍ଟ ପାଇପ ବ୍ୟବହାର କରି ଅସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁରୁଷ, ମହିଳା, ବୃଦ୍ଧ ସହିତ ସମସ୍ତ ବର୍ଗର ଲୋକେ ନିଜ ଶ୍ରମଦାନ କରିବା ଆରମ୍ଭ କରିଥିଲେ। ଦୀର୍ଘ ପ୍ରାୟ ଦେଢ଼ ମାସ ମଧ୍ୟରେ ଗ୍ରାମବାସୀ ଖଡ଼ଖାଇ ନଦୀ ଉପରେ ଅସ୍ଥାୟୀ ପୋଲ ନିର୍ମାଣ କରି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଚଳିତ ମାସ ୫ ଫେବୃଆରୀରେ ନୂତନ ଭାବେ ନିର୍ମିତ ଅସ୍ଥାୟୀ ପୋଲ ସହ ରାସ୍ତା ଉଦ୍‌ଘାଟିତ ହୋଇଥିଲା। ପ୍ରଥମେ ଗ୍ରାମ ଦେହୁରୀ ପରମ୍ପରାଗତ ପୂଜାର୍ଚ୍ଚନା କରିଥିଲେ। ଉଦଘାଟନ କାର୍ଯ୍ୟରେ ମୁଖ୍ୟ ଅତିଥି ରୂପରେ ସୁର୍ମୀ ଦୁର୍ମୀ କମିଟି ସଭାପତି ସହ ସମାଜସେବୀ ଗୋପାଳ ଚନ୍ଦ୍ର ବେଶ୍ରା ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ତନ୍ତନଗର ବ୍ଲକ ଅଧ୍ୟକ୍ଷା ଚାନ୍ଦମଣି ସିଙ୍କୁ ମଧ୍ୟ ଯୋଗ ଦେଇଥିଲେ। ତାଙ୍କ ସହିତ ଘାସିରାମ ମୁର୍ମୁ, ଜୁଝାର ମୁର୍ମୁ, ବବଲୁ ଟୁଡୁ, କୁଁବର ବେଶ୍ରା, ବୁଢ଼ାନ ବେଶ୍ରା, କୈଳାଶ ହାଁସଦା, ଶ୍ୟାମଚରଣ ବେଶ୍ରା ସହିତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।



### ପ୍ରତିକ୍ରିୟା...



ଗ୍ରାମବାସୀଙ୍କ ଶ୍ରମଦାନ ପରେ ଖଡ଼ଖାଇ ନଦୀ ଉପରେ ଅସ୍ଥାୟୀ ପୋଲ ସହ ରାସ୍ତା ନିର୍ମାଣ ହୋଇଅଛି। ଯାହା ପାଇଁ ଉଭୟ ରାଜ୍ୟ ମଧ୍ୟରେ ଗମନାଗମନ ସରଳ ହୋଇପାରିଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏଠାରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ପ୍ରୟାସ କରିବି।

**ଚାନ୍ଦମଣି ସିଙ୍କୁ, ବ୍ଲକ ଅଧ୍ୟକ୍ଷା, ତନ୍ତନଗର, ପଶ୍ଚିମ ସିଂହଭୂମି, ଝାଡ଼ଖଣ୍ଡ**



ସୀମାନ୍ତ ଅଞ୍ଚଳ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ନଦୀ ଉପରେ ଅସ୍ଥାୟୀ ରାସ୍ତା ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହା ଉଭୟ ରାଜ୍ୟବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ଗମନାଗମନକୁ ସୁବିଧା କରିଛି। ଏହି ଖଡ଼ଖାଇ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପ୍ରୟାସ ଜାରି ରଖିବି।

**ଗୋପାଳ ଚନ୍ଦ୍ର ବେଶ୍ରା, ସମାଜସେବୀ, ସାନନାରାଣୀ, ତିରିଂ**

## ପ୍ରଖ୍ୟାତ ଝୁମର ବିଶାରଦ ସଜନ ବଳଙ୍କ ପରଲୋକ

ରାଇରଙ୍ଗପୁର, ୮ ।୨(ସମିସ): ଓଡ଼ିଶାର ଜଣାଶୁଣା ଖ୍ୟାତନାମା ଝୁମର ବିଶାରଦ ଓ ପ୍ରଚାରକ ସଜନ ବଳ (୭୩)ଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ।



ସେ ସାରଳା ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଗିରିଶ ଚନ୍ଦ୍ର ମହାନ୍ତଙ୍କ ସହଯୋଗୀ ଥିଲେ। ସେ କଳା ପାଇଁ ଉତ୍ସର୍ଗୀକୃତ ଥିଲେ। ଜଣେ ଝୁମର ବିଶାରଦ ହିସାବରେ ସେ ସାରା ଓଡ଼ିଶାରେ କୋଣ ଅନୁକୋଣରେ ପରିଚିତ ଥିଲେ। ଓଡ଼ିଶାରେ ଝୁମର ପ୍ରଚାର ଓ ପ୍ରସାର ତାଙ୍କର ଭୂମିକା ଅତୁଳନୀୟ। ସେ ଓଡ଼ିଶାର ମାଲକାନଗିରିରୁ ମୟୂରଭଞ୍ଜ, ସମ୍ବଲପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ମହୋତ୍ସବରେ ତାଙ୍କର ନୈପୁଣ୍ୟତା ଦେଖାଇବା ସହ ବଡ଼ ବଡ଼ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲେ। ସେ ମଧ୍ୟ କଟକ ରେଡ଼ିଓ ଷ୍ଟେସନରେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ। ତାଙ୍କ ବିୟୋଗରେ ଓଡ଼ିଶାର କଳା ଜଗତରେ ବିପୁଳ କ୍ଷତି ଘଟିଛି। ତାଙ୍କ ବିୟୋଗ ଖବର ପାଇ ରାଇରଙ୍ଗପୁର ସହରରେ ଶୋକରେ ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଶୁଭେଚ୍ଛୁ, ଜ୍ଞାତି ପରିଜନ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସାମାଜିକ, କଳାକାର ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ ସହ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଇରଙ୍ଗପୁର ଖଡଖାଇ ନଦୀ ସନ୍ନିକଟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ପୁଅ ଦିପୁନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଦେଶୀମଦ କାରଖାନାରେ ଚଢ଼ଉ

ବେତନଟୀ, ୮ ।୨(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ବଡସାହି ଥାନା ଅସ୍ତଝରଣ ଏବଂ ହାତୀବନ୍ଧା ଅଞ୍ଚଳରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଗୁରୁବାର ଚଢଉକରି ମହୁଲପୋଚ ଏବଂ ରନ୍ଧାମଦ ନଷ୍ଟ କରାଯାଇଛି। ମଦପ୍ରସ୍ତୁତିରେ ବ୍ୟବହୃତ ବିପୁଳ ସରଞ୍ଜାମ ଗୁଡିକୁ ଜବତ କରାଯାଇଛି। ସୂଚନା ମୁତାବକ ଅସ୍ତଝରଣ ଏବଂ ହାତୀବନ୍ଧା ଇଲାକାରେ ଚୋରା ଦେଶୀମଦ କାରଖାନା ଚାଲିଥିବା ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ କୁଣ୍ଠା ଅବକାରୀ ଥାନାର ମିଳିତ ଉଦ୍ୟମରେ ଅତର୍କିତ ଚଢଉ କରିଥିଲେ। ଚଢାଉ ସମୟରେ ମଦମାଫିଆମାନେ ଲଟାବୁଦା ଏବଂ ଜଙ୍ଗଲିଆ ଅଞ୍ଚଳରେ ଚମ୍ପଟ ମାରିଥିଲେ। ଉଭୟ ସ୍ଥାନରୁ ୩୧୫୦ କିଲୋ ମହୁଲି ପୋଚ ଏବଂ ଚୋରାଚାଲାଣ ପାଇଁ ପ୍ରସ୍ତୁତହୋଇ ରହିଥିବା ୭୫ଲିଟର ରନ୍ଧାମଦକୁ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ସେହିଭଳି ମଦପ୍ରସ୍ତୁତିରେ ବ୍ୟବହୃତ ଭାଟି ଏବଂ ଚୂଲା ସମେତ ଅନ୍ୟାନ୍ୟ ସାମଗ୍ରି ଗୁଡିକୁ ଭାଙ୍ଗିଦିଆ ଯାଇଥିଲା।

## ମାଣତ୍ରୀ ଜାଗର ମେଳା ପଡ଼ିଆ ୧୯.୦୭ ଲକ୍ଷରେ ନିଲାମ

ମାଣତ୍ରୀ, ୮ ।୨(ସମିସ): ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମାଣତ୍ରୀ ସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ଜାଗର ମେଳା ପଡ଼ିଆ ଚଳିତ ବର୍ଷ ରେକର୍ଡ ଦରରେ ନିଲାମ ହୋଇଛି। ଗୁରୁବାର ବଡ଼ସାହି ବ୍ଲକ କାର୍ଯ୍ୟାଳୟସମ୍ମିଳନୀ କକ୍ଷରେ ବିଡ଼ିଓ ଆକାଶ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନିଲାମ ପ୍ରକ୍ରିୟାରେ ମାଣତ୍ରୀ ପଞ୍ଚାୟତ ଆଙ୍କପୁରା ଗ୍ରାମର ଅଶ୍ୱିନୀ ବେହେରା ୧୯ଲକ୍ଷ ୭ହଜାର ୧୦୦ ଟଙ୍କାରେ ମେଳା ପଡ଼ିଆକୁ ନିଲାମ ନେଇଛନ୍ତି। ଗତବର୍ଷ ମାଣତ୍ରୀର ସଞ୍ଜୟ ପଣ୍ଡା ୧୦.୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ ନେଇଥିଲେ। ସରକାରଙ୍କ ନିୟମ ଅନୁସାରେ ସେହି ନିଲାମଦରର ୧୦ ପ୍ରତିଶତ ଅଧିକ ଦର ଅର୍ଥାତ ୧୧ଲକ୍ଷ ୬୮ହଜାର ୯୭୦ ଟଙ୍କା ପ୍ରାରମ୍ଭିକ ନିଲାମ ଦର ସ୍ଥିର ହୋଇଥିଲା। ଚଳିତ ନିଲାମରେ ସର୍ବାଧିକ ୫୩ ଜଣ ଆଶାୟୀ ଅମାନତ ଅର୍ଥ ଜମା ରଖି ନିଲାମରେ ଅଂଶ ଗ୍ରହଣ କରିଥିଲେ। ତେବେ ପୂର୍ବ ପଟ୍ଟାଦାର ସଞ୍ଜୟଙ୍କଠାରୁ ୧୦୦ଟଙ୍କା ଅଧିକ ଡାକି ଅଶ୍ୱିନୀ ବେହେରା ୧୯ଲକ୍ଷ ୭ହଜାର ୧୦୦ ଟଙ୍କାରେ ମେଳା ପଡ଼ିଆ ନିଲାମ ନେଇ ସମସ୍ତ ଅର୍ଥ ଜମା ପୂର୍ବକ ରାଜିନାମା ସ୍ୱାକ୍ଷର କରିଛନ୍ତି। ନିଲାମ ଅର୍ଥର ଏକତୃତୀୟାଂଶ ମାଣତ୍ରୀ ପଞ୍ଚାୟତ ଓ ଦୁଇତୃତୀୟାଂଶ ଦେବତ୍ତୋର ବିଭାଗକୁ ମିଳିଥାଏ। ନିଲାମ ଡାକରେ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା, ମାଣତ୍ରୀ ସରପଞ୍ଚ ସାବିତ୍ରୀ ସିଂଙ୍କ ସମେତ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଥାଉ କି, ଏହି ମେଳା ଶିବରାତ୍ରି ଦିନଠାରୁ ୧୦ଦିନ ବ୍ୟାପୀ ଚାଲିଥାଏ। ୧୦୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନୀ ସେମାନଙ୍କ ପସରା ମେଲାଇଥାନ୍ତି। ଓଡ଼ିଶାର ନାମୀଦାମୀ ଯାତ୍ରାନୁଷ୍ଠାନ ମଧ୍ୟ ୮ ଦିନ ଧରି ନାଟକ ପରିବେଷଣ କରନ୍ତି। ମୀନାବଜାର, ଦୋଳିଠାରୁ ଆରମ୍ଭ କରି ଅନ୍ୟାନ୍ୟ ମେଳା ଦୋକାନ ପାଇଁ ଜିଲ୍ଲା ଓ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ମେଳାକୁ ଆସିଥାନ୍ତି।

## ନିଖୋଜ ନାବାଳିକାର ଗଳିତ ମୃତଦେହ ଉଦ୍ଧାର

ଜାମଦା, ୮।୨(ସମିସ): ବାମନଘଟି ଉପଖଣ୍ଡ ଜାମଦା ବ୍ଲକ ଅନ୍ତର୍ଗତ ଜଟାପାଣି ଗ୍ରାମରୁ ନିଖୋଜ ହୋଇଥିବା ଜଣେ ନାବାଳିକାର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଜାମଦା ଥାନା ଜଟାପାଣି ଗ୍ରାମର କେରେ ସାହିର ରସିକା ସଏଙ୍କ ଝିଅ କନ୍ୟା କୁମାରୀ ସଏ (୧୮) ଗତ ୨୦୨୩ ଡିସେମ୍ବର ୨୧ତାରିଖରେ ଘରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ବର୍ଗ ଜାମଦା ଥାନାରେ ଏତାଲା ଦେଇଥିଲେ। କିନ୍ତୁ ନିଖୋଜ ହେବାର ୭ ସପ୍ତାହ ପରେ ଏକ ଲତା ତଳୁ ଗଳିତ ଅବସ୍ଥାରେ ଗ୍ରାମବାସୀ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ଥାନା ଅଧିକାରିଣୀ ଅନିତା ସ୍ୱାଇଁ ପହଞ୍ଚି ତନାଘନା କରୁଛନ୍ତି। ତେବେ ଶରୀରର ଅଧିକାଂଶ ଅଂଶ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିହେଉନାହିଁ; କିନ୍ତୁ ତାଙ୍କ ମୋବାଇଲ, ଚପଲ, ଓଢଣୀ ପଡ଼ିଥିବାରୁ ପରିବାର ଲୋକେ ଚିହ୍ନଟ କରି ତାଙ୍କ ଝିଅ ବୋଲି ଜାଣିପାରିଥିଲେ। ପୁଲିସ ତଦନ୍ତ ଚଳାଇଛି।

## ନୂଆସାହି ଜଟେଶ୍ୱର ପୀଠରେ ମା' ପାର୍ବତୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



କପ୍ତିପଦା, ୮।୨(ସମିସ): ବଡଖଲାଡି ପଞ୍ଚାୟତ ନୂଆସାହି ସ୍ଥିତ ବାବା ଜଟେଶ୍ୱର ମନ୍ଦିର ପରିସରରେ ମା' ପାର୍ବତୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ୩ ଦିନଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମଙ୍ଗଳବାରରେ ଅଙ୍କୁରା ରୋପଣ, ଅଧିବାସ, ବୁଧବାରରେ ସୋନ ନଦୀରୁ ୧୦୮ କଳସ ଯାତ୍ରା, ମା' ପାର୍ବତୀଙ୍କ ନ୍ୟାସ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ତୃତୀୟ ଦିନରେ ମା'ଙ୍କ ଷୋଡଶ ଉପଚାର, ଶିଖର କଳସ ସ୍ଥାପନ, ମହାସ୍ନାନ, ଧ୍ୱଜା ସ୍ଥାପନ ଓ ମା'ଙ୍କର ମନ୍ଦିର ପ୍ରବେଶ ହୋଇ ସପ୍ତଶତୀ ଚଣ୍ଡି ପାଠରେ ମା'ଙ୍କର ଆହୂତ ଦାନ କରାଯାଇଥିଲା। ସନ୍ଧ୍ୟା ୫ଟାରେ ପୂର୍ଣ୍ଣାହୁତି ହୋଇ ଯଜ୍ଞକର୍ମ ସମାପନ ହୋଇଥିଲା। କର୍ତ୍ତାଭାବେ ଅଭିମନ୍ୟୁ ମଣ୍ଡଳ, ସହଧର୍ମିଣୀ ଶଶିରେଖା, ନିରଞ୍ଜନ ମଣ୍ଡଳ, ସହଧର୍ମିଣୀ ଆରତୀ, ସୁଶାନ୍ତ ମଣ୍ଡଳ ସହଧର୍ମିଣୀ ସୁମତୀ, ଜ୍ଞାନରଞ୍ଜନ ବିଶ୍ୱାଳ, ସହଧର୍ମିଣୀ ସୁରେଖା, ବୀରେନ୍ଦ୍ର ବେହେରା, ସହଧର୍ମିଣୀ ମମତା କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ପଣ୍ଡିତ ଯଦୁନାଥ ଶତପଥୀ, କର୍ମକାଣ୍ଡବିତ ସୁଶାନ୍ତମିଶ୍ର, ରଜତ ମିଶ୍ର, ଅନନ୍ତ ଶତପଥୀ, ସୋମନାଥ ଶତପଥୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ଓ ବଜାର ଦୋକାନୀଙ୍କ ସହଯୋଗରେ ବୁଧ, ଗୁରୁବାରରେ ଅନ୍ନଛତ୍ର ଖୋଲାଯାଇଥିଲା।

## ଶିକ୍ଷକ ବଦଳି ଦାବିରେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବସିଲେ ଛାତ୍ରଛାତ୍ରୀ

ଶୁକ୍ଳି, ୮ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଅନ୍ତର୍ଗତ ନାଉପନା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ପ୍ରତିବାଦ କରି ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାତ ମାସ ପୂର୍ବରୁ ଜଣେ ଶିକ୍ଷକ ବଦଳି ହୋଇ ଆସିଥିଲେ; କିନ୍ତୁ ଶିକ୍ଷକ ଜଣକ ମଦପିଇ ସ୍କୁଲ ଆସୁଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ସେ ନିୟମିତ ସ୍କୁଲ ବି ଆସନ୍ତି ନାହିଁ। ଦଶ/ପନ୍ଦର ଦିନରେ ଥରେ ମାତ୍ର ସ୍କୁଲ ଆସନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେଣୁ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ସହିତ ଅନ୍ୟ ଏକ ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଦାବି କରିଥିଲେ; କିନ୍ତୁ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଛି ପଦକ୍ଷେପ ନେଇ ନ ଥିବା ମଧ୍ୟ ଅଭିଯୋଗ କରି ଆଜି ଅଭିଭାବକ ଏବଂ ଛାତ୍ରଛାତ୍ରୀ କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ତେବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିକ୍ଷକଙ୍କ ବଦଳି ଚିଠି ଏବଂ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବା ଚିଠି ଦେଖାଇବା ପରେ ସମସ୍ତେ ଘରକୁ ଫେରିଥିଲେ।



## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ବେତନଟୀ, ୮ ।୨(ସମିସ): ବେତନଟୀ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀର ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମର ଶୀକାର ହେବା ସହିତ ଗର୍ଭବତୀ ହେବା ଘଟଣାରେ ଗୁରୁବାର ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କ ଅଭିଯୋଗ ମୁତାବକ ସେହି ଗ୍ରାମର ଯୁବକ ଜଣକ ବିଭିନ୍ନ ପ୍ରକାର ପ୍ରଲୋଭନ ସାଙ୍ଗକୁ ଧମକ ଚମକ ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲା। ଇତିମଧ୍ୟରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ବାରମ୍ବାର ତାଙ୍କର ଦେହ ଅସୁସ୍ଥ ହେବାରୁ ପୀଡିତାଙ୍କୁ ବାରିପଦାରେ ଡାକ୍ତର ଦେଖାଇବା ପରେ ସେ ୩ମାସର ଗର୍ଭବତୀ ଥିବା ନେଇ ଜଣାପଡ଼ିଥିଲା। ଏନେଇ ପୀଡତା ଜଣକ ଗୁରୁବାର ବେତନଟୀ ଥାନାରେ ଅଭିଯୋଗ କରିଛନ୍ତି। ବେତନଟୀ ଏସଡିପିଓ ସୁଦର୍ଶନ ଦାଶ ଗୁରୁବାର ରାତିରେ ବେତନଟୀ ଥାନାରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତ ଯୁବକକୁ ଗିରଫ ପାଇଁ ବେତନଟୀ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି।

## ସୁନା ଅଳଙ୍କାର ସମେତ ଟଙ୍କା ଚୋରି

କୁଆମରା/ଖୁଣ୍ଟା, ୮।୨(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କରକଚିଆ ପଞ୍ଚାୟତ ଟିକରପଡ଼ା ଗ୍ରାମର ଦେବେନ୍ଦ୍ର ମହୁଆଳଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ସୂଚନା ମୁତାବକ, ଦେବେନ୍ଦ୍ର ସ୍ୱାସ୍ଥ୍ୟଗତ କାରଣରୁ ଗତ ୩୦ ତାରିଖରେ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ପରିବାର ଲୋକେ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ସୁନା ଅଳଙ୍କାର ଓ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଦେବେନ୍ଦ୍ର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଚଳାଇଛି।

## ମଦ ଜବତ; ୫ ଗିରଫ

ବାରିପଦା, ୮ ।୨(ସମିସ): ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓଆଇସି ଜ୍ଞାନେଶ୍ୱରୀ ବିଶ୍ୱାଳ ନେତୃତ୍ୱରେ କୁଳିଅଣା ଅଞ୍ଚଳରେ ଚଢ଼ଉ କରି ମଦ ଜବତ କରିଥିଲେ। ଚଢ଼ଉରେ ୧୫୪ଲିଟର ଦେଶୀ ମଦ, ୩ଲିଟରରୁ ଉଲିଟ ଅପମିଶ୍ରିତ ନକଲି ମଦ ଏବଂ ୩୨୦୦କେଜିର ସରଞ୍ଜାମ ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ଝାରପୋଖରିଆ ଥାନା ଅନ୍ତର୍ଗତ ପଣାସଡିହା ଗ୍ରାମର ଭବାନୀ ସୁଆଁସି (୪୫), ଗୋହଲାମୁଣ୍ଡାର ତାରା ବିନ୍ଧାଣି (୪୮), କାଲାଝରି ଗ୍ରାମର କୁଆଁରିଆ ମାଝୀ (୪୦), ଖଡ଼ିଆଷୋଲ ଗ୍ରାମର ମଖନ ସେଠୀ (୫୫) ଓ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ୫ଟି ମାମଲା ରୁଜୁ କରାଯାଇଛି।

# ବ୍ଲକ୍‌ସ୍ତରୀୟ ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ

କୁଆମରା/ଖୁଣ୍ଟା, ୮ ।୨(ସମିସ)



ସଶକ୍ତ ଓଡ଼ିଶା ସାଥୀ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଜି ଗୋପବନ୍ଧୁ ନଗର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କପ୍ତିପଦା ଉପଖଣ୍ଡ ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ୧୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ, ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା, ଡିଇଓ ସତ୍ୟବାନ ସରଦାର ସିଂ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆଦିବାସୀ ଜନଜାତି ସମ୍ପ୍ରଦାୟର ଲୋକଙ୍କ କଲ୍ୟାଣ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ଅତିଥିମାନେ କହିଥିଲେ। ଶିକ୍ଷା, ଜୀବିକା ଓ ସଂସ୍କୃତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଜନଜାତି ସମ୍ପ୍ରଦାୟର ଲୋକ ମୁଖ୍ୟ ସ୍ରୋତକୁ ଆସିବାକୁ ହେଲେ ଶିକ୍ଷା ଜରୁରୀ ବୋଲି ପ୍ରକଳ୍ପ ପ୍ରଶାସକ ଶ୍ରୀ ଖମାରୀ କହିଥିଲେ। ଯେଉଁ ପିଲାମାନେ ଅଧାରୁ ପାଠ ଛାଡି ଅନ୍ୟ କାମରେ ଲିପ୍ତ ରହୁଛନ୍ତି ସେମାନଙ୍କୁ ସ୍କୁଲରେ ଛାଡିବାକୁ ନିବେଦନ କରିଥିଲେ। ଓଡ଼ିଶାର ୨୩ ପ୍ରତିଶତ ଜନଜାତି ଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୫୦ ପ୍ରତିଶତ ରହିଛନ୍ତି। ତେବେ ଶିକ୍ଷା ଗ୍ରହଣ କଲେ ସରକାରୀ କର୍ମ ନିଯୁକ୍ତିରେ ସୁଯୋଗ ମିଳିବ। ଏଥିପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହୋଇଛି। ଏଥିସହିତ କୃଷି ଯୋଜନା ସମ୍ପର୍କରେ ମଧ୍ୟ ବୁଝାଇଥିଲେ। ମୁଗ, ବାଦାମ, ବାଇଗଣ ପ୍ରଭୃତି ଚାଷରେ ସରକାରୀ ସୁବିଧା ଥିବାରୁ ଏଥିରେ ଲାଭ ଉଠାଇବା କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଲଘୁ ବନଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ ତଥା ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜନଜାତି ସମ୍ପ୍ରଦାୟ ପକ୍ଷରୁ ନାଟ୍ୟକଳା ପ୍ରଦର୍ଶିତ ହୋଇଥିଲା।

## ଧାନ ବୋଝେଇ ଟ୍ରକ୍ ଜବତ

କରଞ୍ଜିଆ, ୮।୨(ସମିସ): ପଡୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ ହେଉଥିବାଏକ ଧାନ ବୋଝେଇ ଟକ୍ରକକୁ ଜବତ କରିଛି ଯୋଗାଣ ବିଭାଗ। ଖବର ଅନୁସାରେ, ଏଠାକାର କିଛି ବ୍ୟବସାୟୀ ଚାଷୀଙ୍କୁ ଲୋଭ ଦେଖାଇ ଧାନ କିଣି ବେଆଇନ ଭାବେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ଏହି ଅଭିଯୋଗ ପରେ ଆଜି ଉପଖଣ୍ଡ ଯୋଗାଣ ବିଭାଗ ପକ୍ଷରୁ ଚଢଉ କରାଯାଇ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଏକ ଟ୍ରକକୁ ଜବତ କରାଯାଇଛି। ଉକ୍ତ ଟ୍ରକରେ ୨୦୮ କୁଇଣ୍ଟାଲ ଧାନ ଚାଲାଣ ହେଉଥିଲା। ଗାଡିକକୁ ଜବତ କରି କରଞ୍ଜିଆ ଥାନାରେ ଜିମା ଦିଆଯାଇଛି। ଚଢ଼ଉବେଳେ କରଞ୍ଜିଆ ଏସିଏସଓ ହିମାଂଶୁ ଶେଖର ଦତ୍ତ, ଯୋଗାଣ ନିରୀକ୍ଷକ ମିସ ସାଇବାଣୀ ନାୟକ, ହିରୋଣ୍ମୟ ଦାସ ଓ ଆରଏମସି ସମ୍ପାଦକ ଜୟଦ୍ରଥ ମହାନ୍ତ ସମେତ କର୍ମଚାରୀ ସାମିଲ ଥିଲେ।



## ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

# ନିଜକୁ ଗଢ଼ିବାର ଉଦ୍ୟମ ସମସ୍ତ ପ୍ରତିକୂଳତାକୁ ପରାହତ କରେ

ଉଦଳା, ୮।୨(ସମିସ)

କପ୍ତିପଦା ଉପଖଣ୍ଡ ତଥା ଉଦଳା ବ୍ଲକର ବହୁ ପୁରାତନ ଆଶ୍ରମ ବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯୫୦ରେ ସ୍ଥାପିତ ଏହି ବିଦ୍ୟାଳୟର ବାର୍ଷିକ ଦିବସରେ ଆଦିବାସୀ ଓ ହରିଜନ ସମନ୍ୱିତ ବିଭାଗର ଶିକ୍ଷା ନୀରିକ୍ଷକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉତ୍ସବ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରତି ସଦିଚ୍ଛା ଓ ପ୍ରେରଣାମୂଳକ ବାର୍ତ୍ତା ଦେଇଥିଲେ।



ମୁଖ୍ୟବକ୍ତା ଭାବେ ମେଘାସନ ମହାବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପକ ଡ. ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଉର୍ମଳ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସନ୍ତୋଷ କୁମାର ବେହେରା ବାର୍ତ୍ତା ମାଧ୍ୟମରେ ଛାତଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଶୈଳୀର ନାନାବିଧ ସକରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ବହୁବନ୍ଧ କ୍ଲଷ୍ଟରର ସିଆର୍‌ସିସି ସରସ୍ୱତୀ ବେହେରା ଛାତ୍ରଛାତ୍ରୀଙ୍କ ଜୀବନର ମୌଳିକ ଲକ୍ଷ୍ୟ ସମ୍ବନ୍ଧରେ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡ଼ା ବିବରଣୀ ଉପସ୍ଥାପନ କରିଥିବା ବେଳେ ସଭାପତି ଭାବରେ ବହୁବନ୍ଧ କନ୍ୟାଶ୍ରମର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଭାବେ ଜିଲ୍ଲାସ୍ତରରେ ପୁରସ୍କୃତ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ କୁମାର ନାୟକ ଓ ସାହିତ୍ୟିକ ତଥା ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଉଦଳା ଓ କପ୍ତିପଦା ବ୍ଲକର ବିଭିନ୍ନ ଆଶ୍ରମ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଶାନ୍ତନୁ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା, ଶିକ୍ଷୟିତ୍ରୀ ନିବେଦିତା ପାତ୍ର, ତିଳୋତ୍ତମା ସାହୁ, ହିରାମୋତି ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ବହଳଦା, ୮।୨(ସମିସ): ବହଳଦା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୬ ତାରିଖ ଭିତରଆମଦା ଓ ୭ତାରିଖ ବଡପଳସା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଖାତ୍ରୀ କିସ୍କୁ ଓ ଗୀତାରାଣୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବିଡ଼ିଓ ଶରତ ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର ଏବିଡ଼ିଓ ଶକ୍ତିପ୍ରସାଦ ପାଇକରାୟ, ସହକାରୀ ଯନ୍ତ୍ରୀ ଶୁଭମ୍ ସି, ସମିତି ସଭ୍ୟା ବାସନ୍ତୀ ହାଁସଦା ଏପିଓ ସିଦ୍ଧାର୍ଥ ପାଲ, ବିପିଏମ ସରୋଜ ମଲ୍ଲିକ, ସମ୍ପୃକ୍ତ ପଞ୍ଚାୟତର ପିଇଓ ସମେତ ବିଭିନ୍ନ ବିଭାଗର କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ବେହେରା, ବ୍ଲକ ବିଜେଡି ସଭାପତି ହରେକୃଷ୍ଣ ମଣ୍ଡଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳତା ସହିତ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା, ପ୍ରକଳ୍ପ ଚୟନ ଓ ଅନୁମୋଦନ ସମ୍ପର୍କରେ ଡିଜିଟାଲ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଉନ୍ନୟନ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

## ରୋଟାରୀ କ୍ଲବ୍ ଓ ଇନର୍ ହୁଇଲ୍ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର



ବାରିପଦା, ୮।୨(ସମିସ): ରୋଟାରୀ କ୍ଲବ, ଇନର ହୁଇଲ କ୍ଲବ ଏବଂ କିମସ ଡେଣ୍ଟାଲ କଲେଜର ମିଳିତ ଆନୁକୂଲ୍ୟରେ ଲକ୍ଷ୍ମୀପୋଷି ସ୍ଥିତ ସ୍ୱତନ୍ତ୍ର ଦୃଷ୍ଟି ଓ ଶ୍ରବଣ ବାଧିତ ବିଦ୍ୟାଳୟରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଇନର ହୁଇଲ ଏବଂ ରୋଟାରୀ କ୍ଲବର ସଦସ୍ୟ ଆୟୋଜନ କରିଥିବା ବେଳେ କିମସ ଡେଣ୍ଟାଲ ହସ୍ପିଟାଲରୁ ୧୬ଜଣ ଡାକ୍ତର ଏହି ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଚିକିତ୍ସା ପ୍ରଦାନ କରିଛନ୍ତି। ତେବେ ଏହି ଶିବିରରେ ୧୩୨ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ବେଳେ କିମସ ପକ୍ଷରୁ ଏକ ସ୍ୱତନ୍ତ୍ର ଚିକିତ୍ସା ଭେନ୍ ମଧ୍ୟ ନିୟୋଜିତ କରାଯାଇଥିଲା। ଏଭଳି ଏକ ନିଆରା କାର୍ଯ୍ୟକ୍ରମ ପାଇଁ ସହଯୋଗର ହାତ ବଢ଼ାଇଥିବା କିସ ଓ କିଟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ରୋଟାରୀ ଏବଂ ଇନର ହୁଇଲର ସଦସ୍ୟ ମାନେ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ରଘୁନାଥପୁର ଜୀବନ ଜ୍ୟୋତି ସେଣ୍ଟରରେ ଥିବା ୩୪ଜଣ ବିଭିନ୍ନ ବର୍ଗର ମାନସିକ ଏବଂ ଶାରୀରିକ ଅକ୍ଷମ ପିଲାମାନଙ୍କ ମଧ୍ୟ ମାଗଣା ଦନ୍ତ ପରୀକ୍ଷା କରାଯାଇଥିଲା। ଭଳି ନିଆରା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଭୁବନେଶ୍ୱର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ଡେଣ୍ଟାଲ ସାଇନ୍ସରୁ ଆସିଥିବା ଡାକ୍ତର ଆନନ୍ଦମୟୀ ବାଗଚି, ଡାକ୍ତର ପି.ଭି ସମୀରଙ୍କ ସହିତ ୧୪ ଜଣିଆ ଟିମ।

ଏଥି ସହିତ ଡେଣ୍ଟାଲ ଶିବିରର ଅଧ୍ୟକ୍ଷ ରାକେଶ ସିଂ, ରୋଟାରୀ କ୍ଲବର ସଭାପତି ଜ୍ୟୋତିରଞ୍ଜନ ସାହୁ, ସମ୍ପାଦକ ମନୋଜ କୁମାର ଦାସ, ଇନର ହୁଇଲ କ୍ଲବର ସଭାପତି ରାଜଲକ୍ଷ୍ମୀ ତ୍ରିପାଠୀ, ଡଃ ପୁଷ୍ପା ପାତ୍ର, ଶ୍ୟାମଳ ପଟ୍ଟନାୟକ, ତିମିର କୁମାର ଘୋଷ, ଅରୁଣ ଦାସ, ପାର୍ବତୀ ମହାପାତ୍ର, ସୌମ୍ୟା ମିଶ୍ର ଏବଂ ପାର୍ବତୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରାକ୍ଟର ତଳେ ଚାପି ହୋଇ ଚାଳକ ମୃତ

ବାରିପଦା, ୮।୨(ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟର ତଳେ ଚାପି ହୋଇ ଚାଳକର ମୃତ ହୋଇଛି। ମୋରଡା ଥାନା ଅନ୍ତର୍ଗତ ଜୁଆଳିଭଙ୍ଗା ଗ୍ରାମ ପଞ୍ଚାୟତର ମାକୁନ୍ଦ ଗ୍ରାମରେ ଉକ୍ତ ଘଟଣା ଘଟିଛି। ସୂଚନା ମୁତାବକ, ଗ୍ରାମ ନିକଟରେ ଥିବା ଏକ ଜଳଉତ୍ସରୁ ବେଆଇନ ଭାବେ ନିୟମିତ ବାଲି ଉଠାଣ ହୋଇ ଚୋରା ଚାଲାଣ ହୋଇଥାଏ। ତେବେ ବୁଧବାର ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଣ ହୋଇ ଚାଲାଣ ହେଉଥିବା ବେଳେ ଟ୍ରାକ୍ଟରଟି ଉଠାଣି ଉଠିବା ସମୟରେ ଭାରସ୍ୟାମ ହରାଇ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଉକ୍ତ ଗ୍ରାମର ଟ୍ରାକ୍ଟର ଚାଳକ ସୁବାସ ସିଂ ଙ୍କ ମୃତ୍ୟୁ ଘଟିଛି।

ତେବେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ମାଲିକ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ଜେସିବି ଯୋଗେ ଉଠାଇ ଚମ୍ପଟ ମାରିଥିଲେ। ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ମୃତଦେହଟି ପଡ଼ିରହିଥିଲା। ସ୍ଥାନୀୟ ଲୋକଙ୍କ ପାଖରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସ୍ୱେଚ୍ଛାସେବୀ ସଂଗଠନର ଆକାଂକ୍ଷିତ ବ୍ଲକ୍‌ସ୍ତରୀୟ କର୍ମଶାଳା

ମହୁଲଡିହା/ଠାକୁରମୁଣ୍ଡା, ୮।୨ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ୭ ତାରିଖ ବୁଧବାର ଠାକୁରମୁଣ୍ଡା ବ୍ଲକ ର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ



ମନୋଜ କୁମାର କାର୍ଜିଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ବରିଷ୍ଠ ରାଜ୍ୟ କାର୍ଯ୍ୟକ୍ରମ ପ୍ରବନ୍ଧକ ରାଜ କମଳ ଶର୍ମା ନୀତି ଆୟୋଗ ଦ୍ୱାରା ଘୋଷିତ ଆକାଂକ୍ଷିତ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ପରିମାପକ ଓ ସମନ୍ୱିତ କାର୍ଯ୍ୟକ୍ରମ ଠାକୁରମୁଣ୍ଡା ବ୍ଲକରେ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ସହାୟତା ଏବଂ ସ୍ୱାର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଚାଳିତ ହେଉଛି। ଥିରେ ମୁଖ୍ୟତଃ ୬ ବର୍ଷରୁ କମ ଶିଶୁମାନଙ୍କୁ ନେଇ ଗରମ ରନ୍ଧା ଖାଦ୍ୟ ଯୋଗାଣ ଏବଂ ୮୪ ଟି ବିଦ୍ୟାଳୟରେ ବାଲ୍ୟ ଶିକ୍ଷା କିଶୋର କିଶୋରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥାବସ୍ଥା ଉପରେ ଚାଲି ଆସୁଥିବା କାର୍ଯ୍ୟକ୍ରମକୁ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ।

କର୍ମଶାଳାରେ ଠାକୁରମୁଣ୍ଡା ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରେମଲତା ସେଠୀ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ମେଡିକାଲ ଅଫିସର ଡାକ୍ତର ଚିତ୍ତରଞ୍ଜନ ନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ ଆରତି ବେହେରା ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଅଙ୍ଗନବାଡିର ସାମଗ୍ରିକ ଉନ୍ନତି ଆଣିବା ଦିଗରେ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନକୁ ସହାୟତା ପ୍ରଦାନ କରିବାକୁ ମତ ଦେଇଥିଲେ। ଶେଷରେ ସଂଗଠନର ସଂଯୋଜକ ବିଜୟକୁମାର ସ୍ୱାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାବା ଜଟେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ମୋରଡା, ୮।୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ଛୋଟରାୟପୁର ଗ୍ରାମରେ ବାବା ଜଟେଶ୍ୱର ଯୁବକ ସଂଘ ତରଫରୁ ଚାଲିଥିବା ୩ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳରେ ବୁରାତିକ ଟିମ୍ ଓ ପଳାଶମୁଣ୍ଡୁଳି ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଗତ ୬ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

ଏଥିରେ ପଳାଶମୁଣ୍ଡୁଳି ଟିମ୍ ପାଞ୍ଚ ଓଭରରେ ଦୁଇ ଉଇକେଟ ହରାଇ ବିଜୟୀ ହୋଇଛି। ଏହି ମ୍ୟାଚ୍‌କୁ ଅବିନାଶ ମହାନ୍ତ ଓ ପପୁନ ମହାନ୍ତ ପରିଚାଳନା କରିଥିଲେ। ପରେ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା।

ସଭାରେ ମୂଖ୍ୟ ଅତିଥି ଭାବେ ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତ (ବବିଭାଇ) ଯୋଗଦେଇଥିଲେ। ତାଙ୍କ ସହିତ ନୂଆଗାଁ ପଞ୍ଚାୟତର ପିଏସ ସାଲତୀ ମୁର୍ମୁ, ନାଏବ ସରପଞ୍ଚ ନର୍ମଦା ମହାନ୍ତ, ବାବାଜଟେଶ୍ୱର ମନ୍ଦିର କମିଟିର ସଭାପତି ଗୌରହରି ମହାନ୍ତ, ଉପସଭାପତି ବିରେନ୍ଦ୍ର ମହାନ୍ତ ଏବଂ ଧନଞ୍ଜୟ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। କମଳ ଦାସ ମ୍ୟାନ ଅଫ୍ ଦି ସିରିଜ ଓ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ମାଣ୍ଡିଆ ଚାଷ ଉପରେ ତାଲିମ ଶିବିର ଉଦ୍‌ଯାପିତ

ରାଇରଙ୍ଗପୁର, ୮।୨(ସମିସ): ଜାମଦା ବ୍ଲକ ଦୁଲାଲ ପକ୍ଷରୁ ଦୁଲାଲ କାର୍ଯ୍ୟାଳୟ ପରିସରରେ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଂଯୋଜକ ଆଦିକନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ କର୍ମୀ ୫ ଜଣ, ଅଗ୍ରସର ହୋଇଥିବା ୫ ଜଣ ଚାଷୀଙ୍କୁ ଦୁଇ ଦିନଧରି ତାଲିମ ଦିଆଯାଇଥିଲା। ଶିବିରରେ ଜାମଦା ବ୍ଲକ ସହ କୃଷିଧିକାରୀ ଭରତ ଚନ୍ଦ୍ର ସିଂ, ଏଡ଼ିପିସି ୱାସନ ତ୍ରିଲୋଚନ ଶବର ସମେତ ସହ ସଂଯୋଜକ ମଳୟ ରଞ୍ଜନ ଜେନା ଉପସ୍ଥିତ ରହି ତାଲିମ ଦେଇଥିଲେ। ବ୍ଲକ ସଂଯୋଜକ ଆଦିକନ୍ଦ




ବେହେରା, ୟୁଏସ୍‌ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ, ବ୍ଲକ ସହ କୃଷିଧିକାରୀ ଭରତ ଚନ୍ଦ୍ର ସିଂ, ଏଡ଼ିପିସି ୱାସନ ତ୍ରିଲୋଚନ ଶବର, ଜାମଦା ବ୍ଲକ ସହ ସଂଯୋଜକ ମଳୟ ରଞ୍ଜନ ଜେନା ପ୍ରମୁଖ ମାଣ୍ଡିଆ ଚାଷ ଉପରେ ବକ୍ତବ୍ୟ ରଖିଥିଲେ। ଧୀରେ ଧୀରେ ଲୋକମାନଙ୍କ ମାଣ୍ଡିଆ ପ୍ରତି ଚାହିଦା ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ବିପଣନ ଏବଂ ଚାଷ ବୃଦ୍ଧି ନିମନ୍ତେ ସୁବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ସହରର ଲୋକେ ଏହାର ଉପକାରିତା ବିଷୟରେ ଅବଗତ ହେଲେଣି ଏବଂ ନିଜର ଖାଦ୍ୟରେ ମାଣ୍ଡିଆକୁ ଅନ୍ତର୍ଭୁକ୍ତ କରିଲେଣି। ଶିବିରରେ ସିଆର୍ପି ଟୁକୁରାମ ମହାନ୍ତ, ଦମୟନ୍ତୀ ହେମ୍ବ୍ରମ, ପ୍ରଭାତି ଗିରି, ଦୁଲାରାମ ସୋରେନ୍, ଭୀମସେନ୍ ଲୋହାର, ଆଗୁଆ ଚାଷୀ ଦୁର୍ଗା ଟୁଡୁ, ଯୀଶୁ ବାଗେ, ମୁରାରୀ ମୋହନ ମଣ୍ଡଳ, ଜୟପାଲ କଣ୍ଡାଙ୍କେଲ୍, ଅର୍ଜୁନ ପିଙ୍ଗୁଆ ଅଂଶ ଗ୍ରହଣ କରିଥିଲେ। ଶେଷରେ ଦୁଲାଲ ସଂଯୋଜକ ଆଦିକନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପୋଷି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଠାକୁରମୁଣ୍ଡା, ୮।୨(ସମିସ): ଠାକୁରମୁଣ୍ଡା ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତ ବାଲିପୋଷି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଇଓ ରାମଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଧ୍ୟବସାୟୀ ହେବାକୁ ପରାମର୍ଶ ଦେଇଥିଲେ। ମୋବାଇଲ ଫୋନ ଏବେ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ଶିକ୍ଷାରୁ ଦୂରେଇ ଦେଉଛି। ତେଣୁ ଛାତ୍ରଛାତ୍ରୀ ସମେତ ଅଭିଭାବକ ଏଥିପ୍ରତି ବିଶେଷ ନଜର ରଖିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଧଳ ଏବଂ ସଂଯୁକ୍ତା ନାୟକ, ବିଶେଷ ଅତିଥି ଅବସରପ୍ରାପ୍ତ ଶିକ୍ଷକଭାଗ୍ୟ ରଥି ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶାଳଗ୍ରାମ ବାରଖଣ୍ଡିଆ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ମହାନ୍ତ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଦିଲ୍ଲୀପ କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର କୁମାର କାର୍ଜି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ଶିକ୍ଷକ ମଳୟ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଡାଲିମାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



ବଡଡାଲିମା/ ତିରିଙ୍ଗ, ୮।୨(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡଡାଲିମା ପଞ୍ଚାୟତରେ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କବି ତଥା ଲେଖକ ସୁବ୍ରତ କୁମାର ସାହୁ, ଗୋପୀନାଥ ପାହାଡି, ଅଶୋକ ଚକ୍ର ସାହୁଙ୍କୁ ଓଡ଼ିଆ ଭାଷା ଭିତ୍ତିକ ପ୍ରମାଣପତ୍ର, ଉତ୍ତରୀୟ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠିତ ସଭାରେ ତିରିଙ୍ଗ ସିଡିପିଓ ଛବିରାଣୀ ବେହେରା, ସରପଞ୍ଚ ରାମେଶ୍ୱର ପୂର୍ତ୍ତି, ଭିଏଲଡବ୍ଲୁ ମହେନ୍ଦ୍ର ନାଥ, ଜିଆରଏସ ସୌଭାଗ୍ୟ ମହାନ୍ତ, ଆଇସିଡ଼ିଏସର ସସ୍ମିତା ମାଡ଼ାମ, ସିଆରସିସି ଅଜିତ ପାହାଡି, ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ଜୟଦେବ ପଲେଇ, ସମାଜସେବୀ ରଥିଆ ଶଙ୍କର ରାଉତ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଉତ୍କଳ ବନ୍ଦନା ଗାନ କରାଯାଇ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ସୁବ୍ରତ ସାହୁ ମଞ୍ଚ ପରିଚାଳନା ଅଶୋକ ଚକ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନିଆଁରୁ ଜଙ୍ଗଲକୁ ରକ୍ଷା ପାଇଁ ସଚେତନତା ଆରମ୍ଭ



ମହୁଲଡିହା, ୮।୨ (ସମିସ): ଶିମିଳିପାଳ ପାଦଦେଶରେ ଗ୍ରାମ୍ୟ ଓ ସଂରକ୍ଷିତ ଜଙ୍ଗଲରେ ପତ୍ରଝଡ଼ା ଆରମ୍ଭ ହୋଇଯାଇଛି। ଜଙ୍ଗଲ ନିଆଁ ସମଗ୍ର ବିଶ୍ୱସମୁଦାୟ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଏହାର ନିୟନ୍ତ୍ରଣ ଓ ସମାଧାନ ମଣିଷ ସମାଜ ପାଇଁ ଏକ ଆହ୍ୱାନ ହୋଇଛି। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡିକରେ ବନାଗ୍ନି ସଚେତନତା ବଢ଼ାଇବା ପାଇଁ ବନାଞ୍ଚଳ ଅଧିକାରୀ ତତ୍ପରତା ଦେଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ମହାନ୍ତ ଓ ବନପାଳ ବିଶ୍ୱଜିତ ମହାନ୍ତଙ୍କ ନିର୍ଦ୍ଦେଶରେ ମହୁଲଡିହା ଫରେଷ୍ଟ ସେକ୍ସନର ଜାମୁନଣ୍ଡା ଗ୍ରାମରେ ସ୍ଥାନୀୟ ୱାର୍ଡ ମେମ୍ବର, ବନସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀଙ୍କୁ ନେଇ ବନାଗ୍ନି ନିରାକରଣ ସଚେତନତା ଶିବିର ୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ଜ୍ୟୋତ୍ସ୍ନା ଜାରିକା ସଭାପତିତ୍ୱ କରିଥିଲେ। ବନରକ୍ଷୀ ଗଦାଧର ମହାନ୍ତ ବୃକ୍ଷଲତା କିପରି ଆମ ସମସ୍ତଙ୍କ ଜୀବନ ଜୀବିକା ସହିତ ପ୍ରତି ମୁହୂର୍ତ୍ତରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ବୋଲି କହିଛନ୍ତି। ଗ୍ରାମର ଭଜନା ପ୍ରଧାନ, ରମେଶ ପ୍ରଧାନ, ସିଦିଓ ହୋ, ତୁସିଲ ହୋ, ମହିରାମ ମହାନ୍ତ, ବେଣୁଧର ଦେହୁରୀ, ରାମେଶ୍ୱର ପ୍ରଧାନ, ରଜୁଆ ଦେହୁରୀ, କବିତା ନାଏକ, ମାର୍କଣ୍ଡ ଦେହୁରୀ, ସର୍କୁଲ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବନରକ୍ଷୀ ମକରଧ୍ୱଜ ନାଏକ ଧନ୍ୟବାଦ ଦେଇଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୁଣ୍ଟା/କୁଆମରା, ୮।୨(ସମିସ): ଖୁଣ୍ଟା ଥାନା ଅଧୀନ ସପନଚୁଆ ଗ୍ରାମର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ବଡ଼ସାହି ଥାନା ଅଧୀନ ଅସ୍ତଝରଣ ଗ୍ରାମର ସ୍ୱର୍ଗତ ସାନ ହେମ୍ବ୍ରମଙ୍କ ପୁଅ ରତନ। ଘଟଣାରୁ ପ୍ରକାଶ ଯେ ଗୁରୁବାର ସପନଚୁଆ ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ପୋଖରୀରେ ଜଣେ ଯୁବକର ମୃତଦେହ ଭାସୁଥିବା ଲୋକେ ଦେଖି ପୁଲିସ ଏବଂ ଦମକଳବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରରୁ ମୃତଦେହକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲା। ପୁଲିସ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ରାଇରଙ୍ଗପୁର, ୮।୨(ସମିସ)

ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ହିଁ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରୟାସ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳଗୁଡିକର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ, କ୍ରୀଡା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ଓ ସୁଗମ ପରିବହନ ବ୍ୟବସ୍ଥା ଆଦି ତ୍ୱରାନ୍ୱିତ ହୋଇଛି। ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ବ୍ଲକ ଭାଲୁବସା ପଞ୍ଚାୟତ ରାଣୀବନ୍ଧ ନିକଟ ପଡ଼ିଆରେ ସଭାପତି ତଥା ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣୀ



ପ୍ରିୟଦର୍ଶିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ୪୫ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ମହାନ୍ତ, ସରପଞ୍ଚ ଯମୁନାମଣି ସିଂ, ପଞ୍ଚାୟତ ସମିତି ସଭ୍ୟା ଚମ୍ପାବତୀ ସିଂ, ଭିଏଲଡବ୍ଲ୍ୟୁ ଅନିଲ ମହାନ୍ତ, ଜେଇ ପ୍ରଶାନ୍ତ ଦାଶ, ଏଇଇ ଅଂଶୁମାନ ସାମଲ ଓ ବିପିଏମ୍ ଶାନ୍ତନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦାସକାଠିଆ ମାଧରେମ ଗାୟକ ଭରତ ଚନ୍ଦ୍ର ବେହେରା ଏବଂ ସାଥୀ ମୋହନ ସୁନ୍ଦର ଗିରି ଲୋକଙ୍କୁ ସଚେତନ କରିଥିଲେ। କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆବାସ ଯୋଜନା, ମିଶନ ଶକ୍ତି ଯୋଜନା, ପାନୀୟଜଳ ଯୋଜନା, ଲକ୍ଷ୍ମୀ ବସ, ଆମ ବ୍ୟାଙ୍କ, କୃଷି ଉଦ୍ୟୋଗ ଯୋଜନାର ଲାଭ ଉଠାଇବା ନିମନ୍ତେ ଅତିଥିମାନେ ଜନସାଧାରଣଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ସଭ୍ୟ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଏହା ପରେ ଭିଡିଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ବିଭିନ୍ନ ପଞ୍ଚାୟତରେ ବିକାଶର ଝଲକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଉକ୍ତ ସଭାକୁ ସଭାପତି ପରିଚାଳନା କରିଥିଲା ବେଳେ ବି ପିଏମ୍ ଶାନ୍ତନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

